# ୧୩ରେ ବାଚସ୍ପତି ନିର୍ବାଚନ

ଭୁବନେଶ୍ୱର, ୮।୬(ବ୍ୟୁରୋ)



ନବୀନ ସରକାରଙ୍କ ୫ମ ପାଳିର ୪ର୍ଥ ବର୍ଷ ଆରମ୍ଭରୁ ନୂତନ ମନ୍ତ୍ରିମଣ୍ଡଳ ଗଠନ କରାଯାଇଛି। ଏଥିରେ ପ୍ରାୟ ୧୦ ଜଣ ନୂଆ ମନ୍ତ୍ରୀଙ୍କୁ ସାମିଲ କରାଯାଇଥିବା ବେଳେ କେତେଜଣ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇଛି। ମନ୍ତ୍ରିମଣ୍ଡଳ ଗଠନ ପରେ ଏବେ ନୂଆ ବାଚସ୍ପତି କିଏ ହେବେ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ବରିଷ୍ଠ ବିଧାୟକ ସୂର୍ଯ୍ୟନାରାୟଣ ପାତ୍ର ବାଚସ୍ପତି ପଦ ଛାଡ଼ିବା ପରେ ଉକ୍ତ ପଦବୀ ବର୍ତ୍ତମାନ କାହାକୁ ମିଳିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏଥିଲାଗି ଆସନ୍ତା ୧୩ରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ବାଚସ୍ପତି ନିର୍ବାଚନ ସକାଶେ ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲ କରାଯିବ। ଏହି ନିର୍ବାଚନ ଲାଗି ରାଜ୍ୟପାଳ ତାରିଖ ସ୍ଥିର କରିଥିବା ବେଳେ ବିଧାନସଭା ବାଚସ୍ପତି ସମସ୍ତ ପ୍ରକାର ବିଧିବ୍ୟବସ୍ଥାରେ କାର୍ଯ୍ୟ ତୁଲାଇବେ।

ସୂର୍ଯ୍ୟନାରାୟଣ ପାତ୍ର ଅସୁସ୍ଥ ହେବା ସହ ପଦ ଛାଡିବା ପରେ ତାଙ୍କ ସ୍ଥାନରେ ବିକ୍ରମ କେଶରୀ ଆରୁଖଙ୍କୁ ବାଚସ୍ପତି କରିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ତେଣୁ ଆସନ୍ତା ଶୁକ୍ରବାର ଆରୁଖ ବାଚସ୍ପତି ଭାବେ ନାମାଙ୍କନପତ୍ର ଦାଖଲ କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ତେବେ ଆରୁଖ ନବୀନଙ୍କ ୫ମ ପାଳିର ପ୍ରଥମ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଭାବେ ଦାୟିତ୍ୱ ପାଇଥିଲେ। ହେଲେ ଚଳିତ ମନ୍ତ୍ରିମଣ୍ଡଳ ତାଲିକାରୁ ତାଙ୍କୁ ବାଦ୍ ଦିଆଯାଇଥିବା ବେଳେ ସେ ବାଚସ୍ପତି ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ସୂଚନାଯୋଗ୍ୟ, ଗତ ଶନିବାର ମନ୍ତ୍ରିମଣ୍ଡଳର ସମସ୍ତ ମନ୍ତ୍ରୀ ଇସ୍ତଫା ଦେବା ପରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ମନ୍ତ୍ରିମଣ୍ଡଳ ଗଠନ କରିଛନ୍ତି। ମୋଟ ୨୧ ଜଣ ମନ୍ତ୍ରୀ ଶପଥ ନେଇଥିବା ବେଳେ ସେମାନଙ୍କ ମଧ୍ୟରେ ୧୩ ଜଣ କ୍ୟାବିନେଟ୍ ଓ ୮ ଜଣ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଦାୟିତ୍ୱରେ ରହିଲେ। ଲୋକସେବା ଭବନ କନ୍‌ଭେନସନ ହଲ୍‌ରେ ରାଜ୍ୟପାଳ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

# ୩୬ ସାଙ୍ଗଠନିକ ଜିଲାରେ ୧୫ରେ ଭାଜପାର ସମାବେଶ

ଭୁବନେଶ୍ୱର, ୮।୬(ବ୍ୟୁରୋ)

ମୋଦି ସରକାରଙ୍କ ୮ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ବିଭିନ୍ନ ଜିଲାରେ ଦୈନନ୍ଦିନ ଭିନ୍ନ ଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଜାରି ରହିଛି। ଏନେଇ ଲୋକଙ୍କ ପାଖରେ ଭାଜପାର ବରିଷ୍ଠ ନେତାମାନେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ବିଭିନ୍ନ ସଫଳତା ବିଷୟରେ ଲୋକଙ୍କ ଆଗରେ ବଖାଣିବା ସହ ଦଳୀୟ ନେତାମାନେ ଏକଥା ଭୋଟରଙ୍କ ପାଖରେ ପହଞ୍ଚାଇବାକୁ କହୁଛନ୍ତି। ତେବେ ଆସନ୍ତା ୧୫ରେ ଦଳର ୩୬ ସାଙ୍ଗଠନିକ ଜିଲାରେ ବଡ଼ ଧରଣର ସମାବେଶ ହେବ। ପ୍ରତି ସମାବେଶରେ ୩ରୁ ୫ ହଜାର ମଧ୍ୟରେ ଲୋକମାନେ ସାମିଲ ହେବେ ବୋଲି ପୂର୍ବତନ ବିଧାୟକ ତଥା କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି। ଓଡ଼ିଶା ପ୍ରତି କେନ୍ଦ୍ର ସରକାର ଗତ ୮ ବର୍ଷ ମଧ୍ୟରେ କ'ଣ ସବୁ କରିଛନ୍ତି ବରିଷ୍ଠ ନେତାମାନେ ତା'ର ହିସାବ ଦେବେ। ଏଥିରେ ରାଜ୍ୟର ସବୁ ଏମ୍‌ପି, ଏମ୍‌ପି ପ୍ରାର୍ଥୀ, ବିଧାୟକ ଏବଂ ବିଧାୟକ ପ୍ରାର୍ଥୀ, ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ମଧ୍ୟ ସାମିଲ ହେବେ। ପରବର୍ତ୍ତୀ ସମୟରେ ରାଜ୍ୟର ୩ ରାଜସ୍ୱ ଡିଭିଜନ ଅଞ୍ଚଳରେ ଆସୁଥିବା ଜିଲାଗୁଡିକୁ ନେଇ ୩ଟି ବିଶାଳ ସମାବେଶ କରିବାର କାର୍ଯ୍ୟକ୍ରମ ଅଛି ବୋଲି ସେ କହିଛନ୍ତି। ପ୍ରଦୀପ ଆହୁରି କହିଛନ୍ତି, ମୋଦି ସରକାରଙ୍କ ୮ ବର୍ଷ ପୂର୍ତ୍ତି ପାଳନ ଚାଲିଛି। ଗତ ୧ ତାରିଖରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ମୋର୍ଚ୍ଚାର କାର୍ଯ୍ୟକ୍ରମ ଚାଲିବ। ଗତ ୫ ତାରିଖରେ ସବୁ ନିର୍ବାଚନମଣ୍ଡଳୀରେ କୃଷକ ସଭାର ଆୟୋଜନ କରାଯାଇଥିଲା। ୬ ତାରିଖରେ ମହିଳା ମୋର୍ଚ୍ଚାର ସଭା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୦ରେ ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟବ୍ୟାପୀ ମୋଟର ସାଇକେଲ ରାଲି କରାଯିବ। ସେହିପରି ଏସ୍‌ସି ମୋର୍ଚ୍ଚା, ଏସ୍‌ଟି ମୋର୍ଚ୍ଚା ଏବଂ ସଂଖ୍ୟାଲଘୁ ମୋର୍ଚ୍ଚା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ହେଲେ ଦଳର ଅନ୍ୟ ଜଣେ ବରିଷ୍ଠ ନେତା କିନ୍ତୁ ଏହାକୁ ଖଣ୍ଡନ କରିଛନ୍ତି।

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1. ମଡେଲ ନଂ. AL1214
ଗାଡ଼ି ନଂ.- OD02BJ2066
ନିର୍ମାଣ ବର୍ଷ - 2020
ସଂରକ୍ଷିତ ମୂଲ୍ୟ - 1007961.73
2. ମଡେଲ ନଂ. AL 3118
ଗାଡ଼ି ନଂ.- OD14Q8844
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1253666.38
3. ମଡେଲ ନଂ. 3718IL
ଗାଡ଼ି ନଂ.- OD05AN2653
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1969000.00
4. ମଡେଲ ନଂ. ଟେରେକ୍ସ_ଭେକ୍ଟ୍ରା_TLB_740
ଗାଡ଼ି ନଂ.- OD17P9836
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1350000.00

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ: ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791**



କେରଳ ସୁନା ଚୋରା ଚାଲାଣରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ବୁଧବାର କୋଚିଠାରେ ତାଙ୍କ ଇସ୍ତଫା ଦାବିରେ ବିକ୍ଷୋଭରତ ଭାଜପାକର୍ମୀଙ୍କୁ ପୋଲିସ ଉଠାଇ ନେଉଛି।

# ଗୋଟିଏ ପୋଷ୍ଟରରେ ନବୀନ-ନରସିଂହ

ବଲାଙ୍ଗୀର ଅଫିସ୍,୮।୬

ବଲାଙ୍ଗୀର ସହର ପାଟଣା ହୋଟେଲ ଛକ ଏବଂ ମ୍ୟୁନିସିପାଲିଟି ଷ୍ଟଲ୍ ଉପର ବିଜ୍ଞାପନ ବୋର୍ଡରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଧାୟକ ନରସିଂହ ମିଶ୍ରଙ୍କ ଫଟୋ ଥିବା ଦୁଇଟି ବଡ଼ ପୋଷ୍ଟର ଲାଗିଛି। ଉକ୍ତ ପୋଷ୍ଟରରେ ବଲାଙ୍ଗୀରରେ ନିର୍ମାଣାଧୀନ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ କୋଠାର ମଡେଲ ଚିତ୍ର ସହ ନବୀନ ଓ ନରସିଂହଙ୍କ ଫଟୋ ରହିଛି। ଉକ୍ତ ପୋଷ୍ଟରରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ, ବଲାଙ୍ଗୀର ଲେଖାଯାଇଥିଲେ ମଧ୍ୟ କୌଣସି ଦଳ, ବ୍ୟକ୍ତି, ଅନୁଷ୍ଠାନର ନାଁ ନାହିଁ। ଏଭଳି ଏକ ପୋଷ୍ଟର ସହରରେ ଲଗାଯିବା ପରେ ଏହା ରାଜନୈତିକ ଦୃଷ୍ଟିରୁ ଚର୍ଚ୍ଚାର ଘେରକୁ ଆସିଛି। କିଏ ଓ କେଉଁ ଉଦ୍ଦେଶ୍ୟରେ ଦୁଇ ପ୍ରମୁଖ ଦଳର ତୁଙ୍ଗ ନେତାଙ୍କ ପୋଷ୍ଟର ଲଗାଇଲା ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ବିଧାୟକ ମିଶ୍ରଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ତାଙ୍କରି ଉଦ୍ୟମରେ ବଲାଙ୍ଗୀର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି ଏକଥା ଲୋକେ ଜାଣିଛନ୍ତି। ଏହି କଲେଜ ପ୍ରତିଷ୍ଠା ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହଯୋଗ କରି ନ ଥିଲେ ଏହା ସଫଳ ହୋଇ ନ ଥା'ନ୍ତା ଏହା ମଧ୍ୟ ସମସ୍ତେ ଜାଣିଛନ୍ତି। ଏଣୁ ଏହି ମର୍ମରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସହ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଫଟୋ ରହିବା ସ୍ୱାଭାବିକ ବୋଲି ସେ କହିଛନ୍ତି। ତେବେ ଏହି ପୋଷ୍ଟର କିଏ ଲଗାଇଛି ଜାଣିନାହାନ୍ତି ବୋଲି ସେ କହିଛନ୍ତି। ଉକ୍ତ ପୋଷ୍ଟରକୁ ନେଇ ସହରରେ ନାନା ଚର୍ଚ୍ଚା ଶୁଣିବାକୁ ମିଳୁଛି।




ବଲାଙ୍ଗୀର ସହରରେ ଲଗାଯାଇଥିବା ପୋଷ୍ଟରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର।

କିଛିଦିନ ତଳେ ବିଜେଡି ରାଜ୍ୟ ସଭା ପ୍ରାର୍ଥୀ ମନୋନୟନ ଓ ମନ୍ତ୍ରିମଣ୍ଡଳ ପୁନର୍ଗଠନ ହୋଇଛି। ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ ପୁଣି ଥରେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାଟଣାଗଡ ବିଧାୟକ ସରୋଜ ମେହେରଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ଆଦିବାସୀ ନେତା ନିରଞ୍ଜନ ବିଶିଙ୍କୁ ବିଜେଡି ରାଜ୍ୟ ସଭାକୁ ପଠାଇଛି। ତେବେ ଏହି ରାଜନୈତିକ ଘଟଣାକ୍ରମରେ ବଲାଙ୍ଗୀରର ପୁରୁଖା ବିଜେଡି ନେତାଙ୍କ ସକ୍ରିୟତା ଲକ୍ଷ୍ୟ କରାଯାଉ ନାହିଁ। ଏତିକି ବେଳେ ବଲାଙ୍ଗୀରରେ ଗୋଟିଏ ପୋଷ୍ଟରରେ କିଏ କେଉଁ ଉଦ୍ଦେଶ୍ୟ ରଖି ନବୀନ ଓ ନରସିଂହଙ୍କ ଫଟୋ ଲଗାଇଲେ ତାହା ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

**CORRIGENDUM**

**To Short Tender Call Notice No.: IDCO/HO-MIS/A-10070/01/2022/V-1 13740 Dt. 31.05.2022**

The Short Tender Call Notice No. published in the "**Dharitri**" of IDCO on Dt.04.06.2022 may please be read as **13740 Dt.31.05.2022 instead of 3740 Dt.31.05.2022.**

**Advertisement Manager**

# ୟୁପି ବିଧାନ ପରିଷଦ ନିର୍ବାଚନ ପାଇଁ ପ୍ରାର୍ଥୀ

ଲକ୍ଷ୍ନୌ,୮।୬

ୟୁପି ବିଧାନ ପରିଷଦ ନିର୍ବାଚନ ପାଇଁ ଭାଜପା ବୁଧବାର ୯ଜଣ ପ୍ରାର୍ଥୀ ଘୋଷଣା କରିଛି। ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ସମେତ ସେହି ସମସ୍ତ ମନ୍ତ୍ରୀଙ୍କୁ ବିଧାନ ପରିଷଦକୁ ପଠାଇବାକୁ ଦଳ ନିଷ୍ପତ୍ତି ନେଇଛି, ଯେଉଁମାନେ ଏପର୍ଯ୍ୟନ୍ତ ଉଭୟ ଗୃହର ସଦସ୍ୟ ନାହାନ୍ତି।

ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦଙ୍କ ବ୍ୟତୀତ ଦଳ ଚୌଧୁରୀ ଭୁପେନ୍ଦ୍ର ସିଂ, ଦୟାଶଙ୍କର ମିଶ୍ର ଦିନାଲୁ, ଜେପିଏସ ରାଠୋର, ନରେନ୍ଦ୍ର କଶ୍ୟପ, ଜସୱନ୍ତ ସଇନି, ଦାନିଶ ଆଜାଦ ଅନସାରୀ, ବନୱାରିଲାଲ ଦୋହରେ ଏବଂ ମୁକେଶ ଶର୍ମାଙ୍କୁ ପ୍ରାର୍ଥୀ କରାଯାଇଛି। ରାଜ୍ୟରେ ୧୩ଟି ଏମଏଲସି ଆସନ ପାଇଁ ଜୁନ ୨୦ରେ ନିର୍ବାଚନ ଅନୁଷ୍ଠିତ ହେବ, ଏଥିପାଇଁ ନାମାଙ୍କନପତ୍ର ପ୍ରକ୍ରିୟା ଆରମ୍ଭ ହୋଇଛି।

# ପୋପ୍‌ଙ୍କୁ ଭେଟିପାରନ୍ତି ନବୀନ

## ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ସୁଯୋଗ ପାଇବେ

**ଭୁବନେଶ୍ୱର, ୮।୬(ବ୍ୟୁରୋ):** ଦୀର୍ଘ ୧୨ ବର୍ଷ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ମାସ ଶେଷ ସପ୍ତାହରେ ସମ୍ଭବତଃ ୨୨ ତାରିଖରେ ଇଟାଲୀ ଏବଂ ସାଉଦି ଆରବ ଗସ୍ତରେ ଯିବେ। ଏହି ଗସ୍ତ ସମୟରେ ସେ ଭାଟିକାନ୍ ସିଟିରେ ଥିବା କ୍ୟାଥ୍‌ଲିକ ଚର୍ଚ୍ଚର ମୁଖ୍ୟ ପୋପ୍ ଫ୍ରାନ୍‌ସିସ୍କୋଙ୍କୁ ଭେଟିବେ ବୋଲି ସୂଚନା ମିଳିଛି। ଏନେଇ ବୈଦେଶିକ ମନ୍ତ୍ରଣାଳୟ ଅନୁମତି ଦେଇଥିବା କୁହାଯାଉଛି। ଯଦି ପୋପ୍‌ଙ୍କୁ ସେ ଭେଟନ୍ତି, ତେବେ ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ସେ ଏହି ସୁଯୋଗ ପାଇବେ। ନବୀନଙ୍କ ବିଦେଶ ଗସ୍ତ ନେଇ ଏଯାଏ ସରକାରୀ ଭାବେ କୌଣସି ସୂଚନା ଦିଆଯାଇନାହିଁ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନବୀନ ଏହି ଗସ୍ତ ସମୟରେ ବିଭିନ୍ନ ଉଦ୍ୟୋଗୀଙ୍କୁ ଭେଟିବେ। ଏଥିସହ ପ୍ରବାସୀ ଓଡ଼ିଆଙ୍କ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଜୁନ୍ ୨୮ରେ ସେ ୟୁଏଇରେ ଶିଳ୍ପପତି ଏବଂ ଅନ୍ୟମାନଙ୍କୁ ଭେଟିବା କାର୍ଯ୍ୟକ୍ରମ



ରହିଛି। ପୋପ୍‌ଙ୍କ ସହ ନବୀନଙ୍କ ଏହି ପ୍ରସ୍ତାବିତ ଭେଟଘାଟ ଭାବମୂର୍ତ୍ତିକୁ କିଛି ମାତ୍ରାରେ ଉପରକୁ ନେବାର ପ୍ରୟାସ ବୋଲି କୁହାଯାଇପାରେ। ଏଭଳି ଉଚ୍ଚସ୍ତରୀୟ ବୈଠକରେ ସେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିବେ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ନବୀନଙ୍କ ପୂର୍ବରୁ ଗତବର୍ଷ ଅକ୍ଟୋବର ମାସରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୋପ୍‌ଙ୍କୁ ଭେଟିବାର ସୂଚନା ରହିଥିଲା। ମମତା ଇଟାଲୀ ଯିବେ ବୋଲି ସ୍ଥିର ହୋଇଥିଲା। କିନ୍ତୁ କେନ୍ଦ୍ର ସରକାର ଅନୁମତି ଦେଇ ନ ଥିଲେ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ପୋପ୍‌ଙ୍କୁ ସାକ୍ଷାତ୍ କରିଥିଲେ।

# 'ପ୍ରତି ପଞ୍ଚାୟତରେ ଜଣେ ଉଦ୍ୟୋଗୀ ସୃଷ୍ଟି ହେବା ଆବଶ୍ୟକ'

## ଏସ୍‌ଡିଟିଇ ବିଭାଗ ପରିଦର୍ଶନ କଲେ ମନ୍ତ୍ରୀ ଘଡ଼େଇ

ଭୁବନେଶ୍ୱର, ୮।୬(ବ୍ୟୁରୋ)

ଦକ୍ଷତା ହେଉଛି ଆଜିର ଆବଶ୍ୟକତା। ଦକ୍ଷତା ହିଁ କର୍ମନିଯୁକ୍ତି ଆଡ଼କୁ ପଥ ପ୍ରସ୍ତୁତ କରିଥାଏ। ତେଣୁ ଦକ୍ଷତା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତ ଏବଂ ବ୍ଲକସ୍ତରରେ ଜଣେ ଜଣେ ଉଦ୍ୟୋଗୀ ସୃଷ୍ଟି କରିପାରିଲେ ତାହା ହିଁ ସବୁଠାରୁ ବଡ଼ ସଫଳତା ହେବ ବୋଲି ନୂତନ ଭାବେ ଶପଥ ନେଇଥିବା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା(ଏସ୍‌ଡିଟିଇ)ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି। ମନ୍ତ୍ରୀ ଘଡ଼େଇ ବୁଧବାର ଖାରବେଳ ଭବନସ୍ଥିତ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପରିଦର୍ଶନ କରି ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ତାଙ୍କୁ ବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ କହିଥିଲେ, ଆଜିର ପିଢ଼ି ନୂତନ ଯୁଗର ପ୍ରଯୁକ୍ତିବିଦ୍ୟାର ସମ୍ମୁଖୀନ ହେଉଛନ୍ତି। ସମ୍ପ୍ରତି ଫିନ୍‌ଟେକ୍, ଏଜୁଟେକ୍ ଓ ଫୁଡ୍‌ଟେକ୍ କ୍ଷେତ୍ରରେ ଅଧିକ ନିଯୁକ୍ତିର ସୁଯୋଗ ରହିଛି। ଆମ ରାଜ୍ୟରେ ମଧ୍ୟ ଏହି ସବୁ କ୍ଷେତ୍ରରେ ଦକ୍ଷତା ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପଦକ୍ଷେପ ନେବାକୁ ହେବ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ବିଭାଗ ଅଧୀନସ୍ଥ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ, କର୍ମନିଯୁକ୍ତି ନିର୍ଦ୍ଦେଶାଳୟ, ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ବିପିୟୁଟି, ଭିସୁଟ୍ ଓ ଓୟୁଟିଆର ବିଷୟରେ ହେମନ୍ତ ଶର୍ମା ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସେହିପରି ବିଭାଗ ଦ୍ୱାରା ପରିଚାଳିତ ଦୀର୍ଘମିଆଦୀ ଏବଂ ସ୍ୱଳ୍ପମିଆଦୀ ପ୍ରଶିକ୍ଷଣ ସହ ସୁଦକ୍ଷ ଯୋଜନା ବିଷୟରେ ମଧ୍ୟ ସମ୍ୟକ ସୂଚନା ଦେଇଥିଲେ। ୱାର୍ଲଡ ସ୍କିଲ୍ ସେଣ୍ଟର(ଡବ୍ଲ୍ୟୁଏସ୍‌ସି) ବିଷୟରେ ସୂଚନା ଦେଇ ଶର୍ମା କହିଥିଲେ ଯେ ଆଇଟିଆଇ ଏବଂ ପଲିଟେକନିକରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏହା ଏକ ଫିନିଶିଂ ସ୍କୁଲ ଭାବରେ କାର୍ଯ୍ୟ କରୁଛି। ଭାରତ ସରକାର ଡବ୍ଲ୍ୟୁଏସ୍‌ସିକୁ ମଡେଲ ହିସାବରେ ନେଇଛନ୍ତି। ଫଳରେ ସମାନ ଢାଞ୍ଚାର ସ୍କିଲ ଅନୁଷ୍ଠାନ ଗଢ଼ି ତୋଳିବାକୁ ଅନ୍ୟ ରାଜ୍ୟଗୁଡ଼ିକ ଏହାର ପରିଦର୍ଶନରେ ଆସୁଛନ୍ତି। ଶର୍ମା ଆହୁରି ମଧ୍ୟ ସୂଚନା ପ୍ରଦାନ କରିଛନ୍ତି, ଜାତୀୟ ସ୍କିଲ୍ ପ୍ରତିଯୋଗିତାରେ ଆମ ରାଜ୍ୟ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି ଏବଂ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାରତର ଏକମାତ୍ର ସ୍ୱର୍ଣ୍ଣ ଓଡ଼ିଶା ଆଣିଥିଲା। ଓଡ଼ିଶାର ଦକ୍ଷତା ଗୁଣବତ୍ତା ସବୁଠାରୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରିବା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ସଚିବ ତପନ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ଖାରବେଳ ଭବନରେ ବୁଧବାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରୁଛନ୍ତି।

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**WALK-IN INTERVIEW FOR ENGAGEMENT OF PART -TIME MEDICAL RETAINER**

National Aluminium Company Limited(NALCO), a Navratna Central PSU is looking for engagement of one Part- Time Medicine Specialist on retainership basis for its Medical Centre in NALCO Township, Chandrasekharpur, Bhubaneswar. For further details, visit career section of our website **www.nalcoindia.com**

**Advt. No.:10220501, Date: 02-06-2022**

**General Manager (H&A)-R&P**

**FAKIR MOHAN UNIVERSITY**
Vyasa Vihar, Balasore - 756089
**ADMISSION NOTICE - 2022-23**

**No. FMU/EDU/33/2022/FMU/1227 Dt.06.06.2022**

Applications are invited from eligible students for admission into **(i) 3 year Integrated B.Ed.-M.Ed. (SFC) Course, Dept. of Education, (ii) 5 year Integrated B.A.LL.B (SFC) Course, Dept. of Law** of Fakir Mohan University, Balasore for the academic session 2022-2023. Students desirous to take admission in the said programme may download the application form and information containing eligibility criteria, course fees etc available in the website **www.fmuniversity.nic.in**. The filled in forms along with required documents and Rs.600/- (Rupees six hundred only) towards the application fee in shape of Bank Draft in favour of **Fakir Mohan University, SFC Fund** payable at **Nuapadhi** for UCO Bank and at **"Balasore"** for other Banks should reach respective Departments through Speed Post/ Registered Post latest by **15.07.2022** for 5 year Integrated B.A.LL.B. & by **30.07.2022** for 3 year Integrated B.Ed. - M.Ed. positively. The authority is not responsible for postal delay.

**Sd./- Chairman, P.G. Council**

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 192/2021**

**Union Bank of India, Nilakantha Nagar Branch,** Berhampur .....Applicant
Versus
**M/s. Rudra Dandakali Enterprises & Others** .....Defendant(s)

To,
1) **M/s. Rudra Dandakali Enterprises,** through its Proprietor **K. Manoj Kumar Patro,** At: Kumbhar Street, Near Suno Bazar, Berhampur, Dist.: Ganjam-760002.
2) **K. Manoj Kumar Patro,** S/o- K. Raja Rao Patro, At: Kumbhar Street, Near Suno Bazar, Berhampur, Dist.: Ganjam-760001.
3) **Sangeeta Rani Patro,** W/o- K. Manoj Kumar Patro, At: Marthapeta Street, Bada Bazar, Berhampur, Dist.: Ganjam, PIN-760002.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 192/2021** in the Court of the Debts of Recovery Tribunal, Cuttack for recovery of **Rs.27,94,105/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **21.07.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **03rd day of June, 2022.**

**Sd/- (M.K. Patnaik) REGISTRAR**

**DECLARATION**

I Punyatoya Pattanayak, aged about 35 years, W/o. Nalini Kanta Baral, at present Plot No. VIM-803, Sailashreevihar, P.S.: C.S.Pur, BBSR - 21 do have by declare that by virtue of the affidavit Sl. No. 160 Dt.06.06.2022 before the Notary Public, Bhubaneswar that I have withdrawn my partnership from the firm "OMM SHREE TRADERS" which Notary Regd. Sl. No. 35 Dt.31.01.2013 & if any dispute/litigation arise regarding the above said firm, I shall not held responsible for the same and further declare vide Notary affidavit Regd. Sl. No. 161 dated 06.06.2022 that other partners of the above said firm namely Nalini Kanta Baral, S/o. Ashok Kumar Baral & Alok Kumar Rout, S/o. Babaji Rout both have misused my personal Bank account signed cheques and firm Bank account cheques by giving 3rd party payment without my knowledge, if any claims come upon me regarding cheques I shall not held responsible for same.

**Sd./- Punyatoya Pattanayak**

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 193/2021**

**Union Bank of India, Nilakantha Nagar Branch,** Berhampur .....Applicant
Versus
**Mrs. Jalita Maharana & Others** .....Defendant(s)

To,
1) **Mrs. Jalita Maharana,** W/o- Biswa Ranjan Maharana, At: Ambapua Main Road, Near Kali Temple, Ranjan Garage, Berhampur, Dist.: Ganjam-760010.
2) **Biswaranjan Maharana,** S/o- Dandapani Maharana, At: Ambapua Main Road, Near Kali Temple, Ranjan Garage, Berhampur, Dist.: Ganjam-760010.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 193/2021** in the Court of the Debts of Recovery Tribunal, Cuttack for recovery of **Rs.20,35,877/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **21.07.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **03rd day of June, 2022.**

**Sd/- (M.K. Patnaik) REGISTRAR**

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 179/2021**

**Union Bank of India, Purushottampur Branch,** Purushottampur .....Applicant
Versus
**M/s. Bhagyalaxmi Feeds & Farms and Others** .....Defendant(s)

To,
1) **M/s. Bhagyalaxmi Feeds & Farms,** through tis Proprietor **Smt. Bhagyalaxmi Biswal,** D/o- Mr. Surakhya Biswal, At: Hindula Bazar, P.O.: Raipur, Via: Purushottampur, Dist.: Ganjam, PIN-761018.
2) **Smt. Bhagyalaxmi Biswal,** D/o- Mr. Surakhya Biswal, At: Laiputt, P.O.: Raipur, Via.: Purushottampur, Dist.: Ganjam-761018.
3) **Gupteswar Patnaik,** S/o- Subodha Chandra Pattnaik, Permanent Resident of Ram Nagar, 1st Lane, Kamapalli, P.O.: Berhampur, P.S.: Baidyanathpur, Dist.: Ganjam-760002.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 179/2021** in the Court of the Debts of Recovery Tribunal, Cuttack for recovery of **Rs.30,69,979/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **21.07.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **03rd day of June, 2022.**

**Sd/- (M.K. Patnaik) REGISTRAR**

## ସଂକ୍ଷେପରେ

### ୨୧.୧ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମୁନିଗୁଡ଼ା,୮।୬(ଡି.ଏନ୍.ଏ.): ରାୟଗଡ଼ା ଜିଲା ଡାଙ୍ଗସୋରଡ଼ା ଫାଣ୍ଡି ଅଧୀନ କୁଟୁରୁକୁପାରୁ ମୁନିଗୁଡ଼ା ଦେଇ ଗଞ୍ଜେଇ ଚାଲାଣବେଳେ ମୁନିଗୁଡ଼ା ପୋଲିସ ୨୧.୧ କେ.ଜି. ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ବିହାରର ରିତେଶ କୁମାର ସିଂ। ମୁନିଗୁଡ଼ା ଥାନା ଅଧିକାରୀ ସୁଜ୍ଞାନୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ବସନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରି ଗଞ୍ଜେଇ ଜବତ କରିଛି। ତେବେ ଏହି ଘଟଣାରେ ମାଷ୍ଟରମାଇଣ୍ଡ କିଏ ଏବଂ ଗଞ୍ଜେଇ କେଉଁଠିକୁ ଚାଲାଣ ହେଉଥିଲା ସେ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

### କାଶୀପୁର ଉନ୍ନୟନ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ରାୟଗଡ଼ା ଅଫିସ,୮।୬: ରାୟଗଡ଼ା ଜିଲା କାଶୀପୁର ଉନ୍ନୟନ ପରିଷଦ ପକ୍ଷରୁ କାଶୀପୁର ଅଞ୍ଚଳର ସର୍ବାଙ୍ଗୀନ ବିକାଶ ନିମନ୍ତେ ବୁଧବାର ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉତ୍କଳ ଆଲୁମିନା କମ୍ପାନୀରେ ଜମିହରା, ବିସ୍ଥାପିତ, ଗରିବ ଆଦିବାସୀ ଏବଂ ପଛୁଆ ବର୍ଗର ଲୋକଙ୍କୁ ନିଯୁକ୍ତି ପ୍ରଦାନ, ସ୍ଥାନୀୟ ଲୋକଙ୍କୁ ଠିକାଦାର ଓ ମେଣ୍ଟେନାନ୍ସ କାର୍ଯ୍ୟରେ ନିଯୁକ୍ତି, ଶିଳ୍ପ କୃଷି ଏବଂ ଉଦ୍ୟାନ କୃଷିର ଉନ୍ନତି ନିମନ୍ତେ ସାହାଯ୍ୟ ଏବଂ ଦକ୍ଷତା ବୃଦ୍ଧିରେ ସହାୟକ ହେବା, ଶିକ୍ଷାର ବିକାଶ ପାଇଁ ବୈଷୟିକ ଶିକ୍ଷାନୁଷ୍ଠାନ, ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ମେଡିକାଲ ଯୋଗାଇବା, ଡିମୁଣ୍ଡି, ଡି. କରଳ ଉପର ସାହି, ନୂଆପଡ଼ା ଭିତର ମୁଷ୍ଟିକୁଣି, ଟିକରପଡ଼ା, ଲାଛୁଗୁଡ଼ା, ବଗିରିଝୋଲା, ଦୋରାଗୁଡ଼ା ଲୋକଙ୍କୁ ବିସ୍ଥାପିତ ଘୋଷଣା କରିବା ଆଦି ଦାବି ନେଇ ପରିଷଦ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ମାସେ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନି ଦିଆଯାଇଛି।

### ଗୋରୁ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ପାତ୍ରପୁର,୮।୬(ଡି.ଏନ୍.ଏ.): ପାତ୍ରପୁର ବ୍ଲକ ଜୟନ୍ତୀପୁର ପୁରୁଣା ବସଷ୍ଟାଣ୍ଡ ନିକଟରେ ବୁଧବାର ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟରେ ଧକ୍କା ହୋଇ ଓଲଟି ପଡ଼ିଥିଲା। ଏଥିରେ ୧୦ରୁ ଉର୍ଦ୍ଧ୍ୱ ଗୋରୁ ଆହତ ହୋଇଥିବା ବେଳେ ଗାଡ଼ି ଚାଳକ ଫେରାର୍ ହୋଇ ଯାଇଛନ୍ତି। ଅନ୍ୟପଟେ ତାର ଛିଣ୍ଡି ପଡ଼ିବାରୁ ଜୟନ୍ତୀପୁର, କେଶିରିପଡା ଓ ବରଙ୍ଗ ଆଦି ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ହୋଇଥିଲା। ପାତ୍ରପୁର, ସାମନ୍ତିଆପଲ୍ଲି, ଆମ୍ବଗାଁ, ଜୟନ୍ତୀପୁର, କେଶରିପଡା ଗ୍ରାମ ଦେଇ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶକୁ ଗୋରୁ ଚାଲାଣ କରାଯାଉଛି। ବୁଧବାର ଭୋରରେ ଗୋରୁ ନେଇ ଯାଉଥିବା ପିକ୍ଅପ୍ (ଓଡି୦୭ଏଜେ୫୩୦୧)ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଜରଡ଼ା ପୋଲିସ ଉକ୍ତ ଗାଡ଼ିକୁ ଜବତ କରି ଥାନାକୁ ନେବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଶ୍ରମିକ ବଦଳରେ ମେଶିନ କରୁଛି କାମ

ବାଲିଗୁଡ଼ା,୮।୬:(ଡି.ଏନ.ଏ.): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ଏମ୍ଜିଏନ୍ଆର୍ଇଜିଏସ୍‌ରେ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ସରକାରୀ ନିୟମାନୁଯାୟୀ ଏଠି ଶ୍ରମିକ କାମ କରିବା କଥା କିନ୍ତୁ ଶ୍ରମିକଙ୍କ ବଦଳରେ ଜେସିବି ମେଶିନ କାମ କରୁଛି। ବାଲିଗୁଡ଼ା ବ୍ଲକର ଜଳବିଭାଜିକା ଓ ମୃତ୍ତିକା ସଂରକ୍ଷଣ ସଂସ୍ଥା ଦ୍ୱାରା ବାରଖମା ଅଞ୍ଚଳର ୧୦ ଜଣ ହିତାଧିକାରୀଙ୍କ ନାମରେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟର କାର୍ଯ୍ୟାଦେଶ ହୋଇଥିଲା କିନ୍ତୁ କାର୍ଯ୍ୟାଦେଶ ନାମକୁ ମାତ୍ର। ହିତାଧିକାରୀଙ୍କ ବଦଳରେ ଏଠାରେ କାମ କରୁଛନ୍ତି ଠିକାଦାର ତାହା ପୁଣି ମେଶିନ ଦ୍ୱାରା। ଘଟଣା ସମ୍ପର୍କରେ ବାଲିଗୁଡ଼ା ଜଳବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରିଣୀଙ୍କୁ ପଚାରିବାରୁ ଘଣ୍ଟ ଘୋଡ଼ାଇବା ଭଳି ମନ୍ତବ୍ୟ ଦେଇଛନ୍ତି। ଠିକାଦାର ଓ ବିଭାଗୀୟ ଅଧିକାରିଣୀଙ୍କ ମଧୁଚନ୍ଦ୍ରିକାରେ ଶ୍ରମିକ ହତାଶ। ସେପଟେ ଘଟଣାକୁ ତୀବ୍ର ବିରୋଧ କରିଛନ୍ତି ଜନତା। କାର୍ଯ୍ୟାଦେଶ ନାକଚ କରିବା ସହ ଘଟଣାର ତଦନ୍ତ କରିବାସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବୁଦ୍ଧିଜୀବୀ।

# ବିଷମକଟକରେ ପ୍ରଥମ ଥର ବାୟୋଫ୍ଲକ୍ ମାଛଚାଷ

- ୫ଲକ୍ଷ ଟଙ୍କା ଖର୍ଚ୍ଚରେ ଚାଷ ଆରମ୍ଭ
- ୪୦ ହଜାର ଏସ୍ଏଚ୍‌ଜି ମହିଳା ହେବେ ସ୍ୱାବଲମ୍ବୀ
- ଆଗାମୀ ଦିନରେ ଏହି ପ୍ରଣାଳୀରେ ହେବ ଚିଙ୍ଗୁଡ଼ି ଚାଷ

ବିଷମକଟକ,୮।୬(ଡି.ଏନ୍.ଏ.)


ବାୟୋଫ୍ଲକ୍ ମାଛଚାଷ ପାଇଁ ସ୍ଥାପନ ହୋଇଥିବା ଟ୍ୟାଙ୍କ୍।

ରାୟଗଡ଼ା ଜିଲା ବିଷମକଟକ ବ୍ଲକରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି ବାୟୋଫ୍ଲକ୍ ମାଛଚାଷ। ଏଥିରେ ପୋଖରୀ ବଦଳରେ ବିରାଟ ପାଣି ଟ୍ୟାଙ୍କ ମାଧ୍ୟମରେ ନୂତନ ପ୍ରଣାଳୀରେ ମାଛଚାଷ କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଜୀବିକା ମିଶନ ଜରିଆରେ ଏହି ଚାଷ ଆରମ୍ଭ ହୋଇଛି।

ବିଷମକଟକ ସଦର ପଞ୍ଚାୟତ ଅଧୀନସ୍ଥ ଢ଼େପାଗୁଡ଼ା ଗ୍ରାମର ଠାକୁରାଣୀ ମଞ୍ଚ ଗ୍ରୁପ୍‌ର ମାଁ ଗାୟତ୍ରୀ, ମାଁ ସନ୍ତୋଷୀ, ମାଁ ମଙ୍ଗଳା ଏବଂ ମାଁ ବାଞ୍ଜାରୀ ଏସ୍ଏଚ୍‌ଜିର ୪୦ ମହିଳାଙ୍କୁ ମାଛଚାଷରେ ନିୟୋଜିତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ବାୟୋଫ୍ଲକ୍ ମାଛଚାଷ ପାଇଁ ୪୦ ମହିଳାଙ୍କୁ ତାଲିମ ଦିଆଯାଇଛି। ଏହାପରେ ସେମାନଙ୍କୁ ଚାଷ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଟଙ୍କାରେ ୧୫ ହଜାର ଲିଟର ବିଶିଷ୍ଟ ୮ଟି ବିରାଟକାୟ ଟ୍ୟାଙ୍କ ସ୍ଥାପନ କରାଯାଇଛି। ଏଥିରେ ଅକ୍ସିଜେନ୍ ସୁବିଧା ପାଇଁ ଟ୍ୟାଙ୍କ୍‌ରେ ଦୁଇଟି ପଙ୍ଖା ଏବଂ ୪ଟି ବାୟୋଫ୍ଲକ୍ ମେଶିନ ଖଞ୍ଜାଯାଇଛି। ଏହି ମେଶିନ ସାହାଯ୍ୟରେ ମାଛମାନେ ଅକ୍ସିଜେନ ପାଇବେ। ପ୍ରତି ଟ୍ୟାଙ୍କ୍‌ରେ ୩ହାଜର ମାଛ ଯାଆଁଳ ଛଡ଼ାଯାଇଛି। ପ୍ରଥମ ବର୍ଷର ଚାଷ ପାଇଁ ଜୀବିକା ମିଶନ ପକ୍ଷରୁ ଅବଶ୍ୟକ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯାଇଛି। ସେହିପରି ରକ୍ଷଣାବେକ୍ଷଣ ଦୟିତ୍ୱ ମଧ୍ୟ ଜୀବିକା ମିଶନ ନେଇଛି। ଆସନ୍ତା ବର୍ଷଠାରୁ ମହିଳା ଗୋଷ୍ଠୀ ନିଜ ଦାୟିତ୍ୱରେ ଏହି ମାଛଚାଷ କରିବେ। ବାୟୋଫ୍ଲକ୍ ମାଛଚାଷରୁ ମହିଳାମାନେ ୬୦ ହାଜରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭବାନ ହେବେ ବୋଲି କୁହାଯାଇଛି। ଏହାଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଆଗାମୀ ଦିନରେ ଅନ୍ୟ ମହିଳା ଗୋଷ୍ଠୀଙ୍କୁ ମଧ୍ୟ ଏହି ମାଛଚାଷରେ ସାମିଲ କରାଯିବ। ଏଥିସହ ଏହି ନୂତନ ପ୍ରଣାଳୀରେ ଚିଙ୍ଗୁଡ଼ି ଚାଷ ପାଇଁ ମଧ୍ୟ ତାଲିମ ଦେବାକୁ ଯୋଜନା ରହିଥିବା ଓଡ଼ିଶା ଜୀବିକା ମିଶନର କ୍ଷେତ୍ର ପରିଦର୍ଶନ ଅଧିକାରୀ ବିଶ୍ୱଜିତ ସ୍ୱାଇଁ ସୂଚନା ଦେଇଛନ୍ତି।


ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍ ପାଇଁ ପ୍ରସ୍ତୁତି

ମାଲକାନଗିରି,୮।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦରଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଜିଲା ଡିପିଆର୍‌ସି ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଅଧକ୍ଷତା କରିଥିବା ବେଳେ ମାଲକାନଗିରି ପୌର ପରିଷଦ ଅଧକ୍ଷ ମନୋଜ କୁମାର ବାରିକ, ଜିଲାର ସମସ୍ତ ବିଡିଓ, ତହସିଲଦାର, ଜରୁରିକାଳୀନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ଆଗାମୀ ୧୯ ତାରିଖରେ ହେବାକୁ ଥିବା ମକ୍‌ଡ୍ରିଲ୍ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଫସି ରହିଥିବା ଲୋକଙ୍କୁ କିପରି ଉଦ୍ଧାର କରାଯିବ ଓ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ ସେ ନେଇ ତାଲିମ ଦିଆଯିବ।

# ୨୪ କୋଟି ୨୦ ଲକ୍ଷ ଟଙ୍କା ଋଣ ମଞ୍ଜୁର

ମାଲକାନଗିରି,୮।୬(ଡି.ଏନ୍.ଏ.)


ବ୍ୟାଙ୍କ ପକ୍ଷରୁ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଉଛି।

ମାଲକାନଗିରି ଜିଲା ସଦର ସ୍ଥିତ ସଂସ୍କୃତି ଭବନଠାରେ ବୁଧବାର ଏସ୍‌ବିଆଇ ଲିଡ୍‌ବ୍ୟାଙ୍କ କାର୍ଯ୍ୟାଳୟ ପକ୍ଷରୁ ଋଣ ସଂଯୋଗୀକରଣ ପଦକ୍ଷେପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଭାରତ ସରକାରଙ୍କ ଅର୍ଥନୈତିକ ସେବା ବିଭାଗ ପକ୍ଷରୁ ହିତାଧିକାରୀଙ୍କୁ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ଭାରତୀୟ ଷ୍ଟେଟ ବ୍ୟାଙ୍କ ମାଲକାନଗିରି ମୁଖ୍ୟ ଶାଖାର ମୁଖ୍ୟ ପରିଚାଳକ ତଥା ଲିଡ୍‌ବ୍ୟାଙ୍କ ମ୍ୟାନେଜର ସୁନୀଲ କୁମାର ଜାମୁଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଆର୍‌ଡିଏ ପିଡି ବାଳମୁକୁନ୍ଦ ଭୂୟାଁ, ଡିଆଇପିଆର୍‌ଓ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଡିଆର୍‌ଡିଏର ଅତିରିକ୍ତ ପିଡି ବାଲାଜୀ ପଟ୍ଟନାୟକ, ଓଏଲ୍ଏମ୍ ଜିଲା ପ୍ରକଳ୍ପ ପରିଚାଳକ ପବିତ୍ର ମୋହନ ବାରା, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ଟାଙ୍ଗାରାଙ୍ଗା ଯୋଗଦେଇ ଏହି ଋଣ ସଂଯୋଗୀକରଣ ପଦକ୍ଷେପ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମୋଟ ୩୦୦ ହିତାଧିକାରୀଙ୍କୁ ୨୪ କୋଟି ୨୦ଲକ୍ଷ ଟଙ୍କା ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଛି। ମୁଖ୍ୟତଃ

**ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ**

ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସହାୟତା ଗ୍ରହଣ କରିବା ପାଇଁ ଋଣ ପ୍ରଦାନ କରିବା ସହ ବାସଗୃହ ଋଣ, କାର୍ ଋଣ, ବ୍ୟବସାୟ, କୃଷି ସମେତ ଅଣ୍ଡୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଋଣ ପ୍ରଦାନ କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନାରେ ମୋଟ ୫୯୫୦ ହିତାଧିକାରୀଙ୍କୁ ସାମିଲ କରାଯାଇଛି।

# ଗଞ୍ଜାମ ଜିଲା ଟ୍ରେଜରୀ ଷ୍ଟ୍ରଙ୍ଗରୁମ୍ ଅସୁରକ୍ଷିତ

ଛତ୍ରପୁର,୮।୬(ଡି.ଏନ୍.ଏ.)

ଛତ୍ରପୁରଠାରେ ଥିବା ଗଞ୍ଜାମ ଜିଲା ଟ୍ରେଜରୀ ଅଫିସ ଷ୍ଟ୍ରଙ୍ଗରୁମ୍ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଷ୍ଟ୍ରଙ୍ଗରୁମ୍‌ର ଛାତ ସମ୍ପୂର୍ଣ୍ଣ ଭଗ୍ନ ଅବସ୍ଥାରେ ଅଛି। ଛାତର ପ୍ଲାଷ୍ଟର ଛୋଟ ଛୋଟ ଖଣ୍ଡ ତଳକୁ ଝଡୁଛି। କଂକ୍ରିଟରୁ ବାହାରି ରଡ୍ ଦେଖାଯାଉଛି। ଟ୍ରେଜରୀ ଅଫିସର କୋଠା ବାହାରକୁ ଚକାଚକ୍ ଦେଖାଯାଉଥିଲେ ମଧ୍ୟ ଷ୍ଟ୍ରଙ୍ଗରୁମ୍‌ର ଅବସ୍ଥା ଦୟନୀୟ । ଏହି ଷ୍ଟ୍ରଙ୍ଗରୁମ୍‌ରେ ସରକାରୀ ସମ୍ପତ୍ତିକୁ ରଖାଯାଇଥାଏ । ବାହାରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡାକଡି ହୋଇଥାଏ। ଏପରିକି ଉକ୍ତ ଜିଲା ଟ୍ରେଜରୀ ଅଫିସର ଷ୍ଟ୍ରଙ୍ଗରୁମ୍‌ର ନିରୀକ୍ଷଣ ଏଜି ଅଡିଟ୍ କରିଥିଲେ। ସରକାରୀ ସମ୍ପତ୍ତିକୁ ସୁରକ୍ଷିତ ଭାବେ ଗଚ୍ଛିତ ରଖିବା ପାଇଁ ଷ୍ଟ୍ରଙ୍ଗରୁମ୍‌ର ଯଥେଷ୍ଟ ଯତ୍ନ ନେବା ଜରୁରୀ ବୋଲି ନିରୀକ୍ଷଣ ପରେ ଏଜି ଅଡିଟ୍ ମନ୍ତବ୍ୟ ଦେଇଛନ୍ତି। ବର୍ଷା ଦିନେ ଷ୍ଟ୍ରଙ୍ଗରୁମ୍ ଛାତରୁ ପାଣି ଗଳୁଛି। ଫଳରେ ସେଥିରେ ସରକାରୀ ସମ୍ପତ୍ତି ଥିବା ବାକ୍ସଗୁଡିକ ନଷ୍ଟ ନହେବା ପାଇଁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପଡୁଛି। ତେଣୁ ଜିଲା ଟ୍ରେଜରୀ ଅଫିସ ଷ୍ଟ୍ରଙ୍ଗରୁମ୍‌ର ପୁନରୁଦ୍ଧାର ଆବଶ୍ୟକ । ଏଥିଲାଗି ଜିଲା ଟ୍ରେଜରୀ କାର୍ଯ୍ୟାଳୟର ଟ୍ରେଜରୀ ଅଫିସରଙ୍କ ପକ୍ଷରୁ ବ୍ରହ୍ମପୁରସ୍ଥିତ ଗଞ୍ଜାମ ଆର ଆଣ୍ଡ ବି ଡିଭିଜନ-୨ ର ନିର୍ବାହୀଯନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ଷ୍ଟ୍ରଙ୍ଗରୁମ୍‌ର ପୁନରୁଦ୍ଧାର ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଉକ୍ତ ଚିଠି ଜରିଆରେ ଟ୍ରେଜରୀ ଅଫିସର ଅନୁରୋଧ କରିଛନ୍ତି। ଏହାର ପୁନରୁଦ୍ଧାର ହେଲେ ସରକାରୀ ସମ୍ପତ୍ତି ସୁରକ୍ଷିତ ଭାବେ ଗଛିତ ରଖାଯାଇପାରିବ ବୋଲି କୁହାଯାଇଛି । ଏ ସମ୍ପର୍କରେ ଜିଲାପାଳ ଓ ଭୁବନେଶ୍ୱରସ୍ଥିତ ଓଡିଶା ଟ୍ରେଜରୀଜ୍ ଓ ଇନ୍ସପେକ୍ସନ ର ନିର୍ଦ୍ଦେଶକଙ୍କୁ ମଧ୍ୟ ଟ୍ରେଜରୀ ଅଫିସର ଚିଠି ଦ୍ୱାରା ଦୃଷ୍ଟିଆକର୍ଷଣ କରିଛନ୍ତି । ଆହୁରି ଜଣାଯାଇଛି ଯେ ଛତ୍ରପୁର ରିକାପଲ୍ଲୀ ସ୍ଥିତ ଟ୍ରେଜରୀ କଲୋନୀ ଠାରେ ଆଉ ୬ ଟି ଷ୍ଟାଫ୍ କ୍ୱାର୍ଟର ନିର୍ମାଣ ର ଆବଶ୍ୟକତା ରହିଛି। ଏନେଇ ପ୍ଲାନ୍ ଓ ଏଷ୍ଟିମେଟ୍ ପ୍ରସ୍ତୁତ କରି ଦେବାକୁ ବ୍ରହ୍ମପୁରସ୍ଥିତ ଗଞ୍ଜାମ ଆର.ଆଣ୍ଡ.ବି ଡିଭିଜନ-୨ ର ନିର୍ବାହୀଯନ୍ତ୍ରୀଙ୍କୁ ମଧ୍ୟ ଟ୍ରେଜରୀ ଅଫିସର ଚିଠି କରିଛନ୍ତି।

# ଥାନାରୁ ମାଲିକଙ୍କୁ ଦିଆଗଲା ଜବତ ଗାଡ଼ି

ଜଗନ୍ନାଥପ୍ରସାଦ,୮।୬(ଡି.ଏନ୍.ଏ.)

ଜଗନ୍ନାଥପ୍ରସାଦ ପୋଲିସ ପକ୍ଷରୁ ଜବତ ହୋଇଥିବା ଯାନବାହନ ଗୁଡିକ ବର୍ଷ ବର୍ଷ ଧରି ଥାନା ପରିସରରେ ପଡି ରହିଥିଲା। ସେଗୁଡିକୁ ଗାଡ଼ି ମାଲିକଙ୍କୁ ଫେରାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ଥାନା ପରିସରରେ ବର୍ତ୍ତମାନ ସୁଦ୍ଧା ୧୦୩ ଗାଡି ପଡି ରହିଥିବା ବେଳେ ମଙ୍ଗଳବାର ଓ ବୁଧବାର ଦୁଇଦିନରେ ୩୫ଟି ଗାଡିକୁ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଅବଶିଷ୍ଟ ଗାଡି ଶୀଘ୍ର ଫେରାଇ ଦିଆଯିବାକୁ ପ୍ରକ୍ରିୟା ଜାରିଥିବା ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ମଙ୍ଗଳବାର ୩୨ଟି ଗାଡ଼ି ଦିଆଯାଇଥିଲା। ସେଥିମଧ୍ୟରେ ୩ଟି ଅଟୋ, ୨ଟି ଟାଟା ମ୍ୟାଜିକ ୨୭ଟି ବାଇକ ରହିଛି। ବୁଧବାର ଗୋଟିଏ ଟାଟା ମ୍ୟାଜିକ ଓ ୨ଟି ବାଇକ୍ ପ୍ରଦାନ କରାଯାଇଛି। କେବଳ ଜଗନ୍ନାଥପ୍ରସାଦ ଅଞ୍ଚଳର ନୁହେଁ ରାଜ୍ୟର ବିଭିନ୍ନ ଜିଲାର ଜବତ ଯାନବାହନକୁ ମାଲିକମାନେ ଫେରି ପାଇଛନ୍ତି। ସବଇନ୍ସପେକ୍ଟର ପ୍ରଭାତୀ ବେହେରା, ସୁଶାନ୍ତ ପ୍ରଧାନ, ନିରଞ୍ଜନ ଦାସ, ଚନ୍ଦ୍ର ଶେଖର ବେହେରା, ରଞ୍ଜନ କୁମାର ଆଚାର୍ଯ୍ୟ ଓ ଅନ୍ୟାନ୍ୟ କର୍ମଚାରୀ ଗାଡ଼ି ଦେବା କାର୍ଯ୍ୟରେ ସହଯୋଗ କରିଥିଲେ।

# ଶିକ୍ଷକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



ଶିକ୍ଷକ ବିଜୟ କୁମାର ସ୍ୱାଇଁ ପ୍ରକୃତି ବନ୍ଧୁ ପୁରସ୍କାର ଗ୍ରହଣ କରୁଛନ୍ତି।

ମାଲକାନଗିରି,୮।୬(ଡି.ଏନ୍.ଏ.)

**ବନ ବିଭାଗର ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

ମାଲକାନଗିରି ଜିଲା ବନ ବିଭାଗ ପକ୍ଷରୁ ଖଣ୍ଡୀୟ ବନାଧିକାରୀ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲ୍ଲୀ ଅଧକ୍ଷତା କରିଥିବା ବେଳେ ଏଥିରେ ଦୁଇ ସହକାରୀ ବନ ସଂରକ୍ଷକ, ୭ ରେଞ୍ଜର, ବନାଞ୍ଚଳ ଅଧିକାରୀ ଏବଂ ସମସ୍ତ ବନପାଳ ଓ ବନରକ୍ଷୀଙ୍କ ସହ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରାମକୃଷ୍ଣ ଚୌଧୁରୀ, ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପରିବେଶକୁ କିପରି ସୁରକ୍ଷା ଦିଆଯାଇପାରିବ, ଜୀବଜଗତ ଏବଂ ପ୍ରାଣିଜଗତ ସନ୍ତୁଳିତ ପରିବେଶରେ କିପରି ଦୁର୍ଦ୍ଦଶା ଭୋଗୁଛନ୍ତି ସେ ବିଷୟରେ କତାପାଲ୍ଲୀ ଆଲୋଚନା କରିବା ସହ ଜଙ୍ଗଲ ସୁରକ୍ଷା ଏବଂ ଚାରାରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ କୋରୁକୋଣ୍ଡା ବ୍ଲକ କାମବାଡ଼ା ବିଦ୍ୟାଳୟର ସୁନାମ ଅର୍ଜନ ଶିକ୍ଷକ ବିଜୟ କୁମାର ସ୍ୱାଇଁଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାର ସହ ୧୦ ହଜାର ଟଙ୍କା ଓ ମାନପତ୍ର ଖଣ୍ଡୀୟ ବନାଧିକାରୀ ପ୍ରଦାନ କରିଥିଲେ। ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ବିଶୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲ୍ୟାମ୍ପ୍‌ସ ନିର୍ଦ୍ଦେଶକ ନିର୍ବାଚନ ପରିଚାଳନାରେ ତ୍ରୁଟି ଅଭିଯୋଗ

ଗୁଣପୁର,୮।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଲ୍ୟାମ୍ପ୍‌ସ ନିର୍ଦ୍ଦେଶକ ନିର୍ବାଚନ ପରିଚାଳନାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ୧୫ଟି ନିର୍ଦ୍ଦେଶକ ପାଇଁ ମେ ୨୯ରେ ନାମାଙ୍କନ ପତ୍ର ଦାଖଲ ସରିଥିଲା। ୧୫ଟି ପଦ ପାଇଁ ୫୧ଟି ପ୍ରାର୍ଥିପତ୍ର ଦାଖଲ ହୋଇଥିଲା। ଜୁନ୍ ୩ ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦିନ ରହିଥିଲା। ୭ଟି ପ୍ରାର୍ଥିପତ୍ର ନାକଚ ହେବା ନେଇ ପ୍ରଥମେ ସୁଚନା ଦିଆଯାଇଥିଲା। ଏହାପରେ ୮ଟି ପ୍ରାର୍ଥିପତ୍ର ନାକଚ ହୋଇଥିବା କୁହାଯାଇଥିଲା। ନିର୍ବାଚନରେ କୌଣସି ପ୍ରାର୍ଥିପତ୍ର ପ୍ରତ୍ୟାହାର ହୋଇ ନ ଥିବା ନେଇ ଚୁଡ଼ାନ୍ତ ତାଲିକାରେ ୪୩ ନାମାଙ୍କନ ପତ୍ର ଦାଖଲ ହୋଇଥିବା ସୂଚନା ଟଙ୍ଗା ଯାଇଥିଲା। ବାରମ୍ବାର ସଂଶୋଧିତ ତାଲିକା ପ୍ରକାଶ କାହିଁକି କରାଗଲା ତାହାକୁ ନେଇ ଲ୍ୟାମ୍ପ୍‌ସର ପୂର୍ବତନ ସଭାପତି ଗୌରି ଗମାଙ୍ଗ ପ୍ରଶ୍ନ ଉଠାଇଛନ୍ତି।

ଏଥିସହ ଗୌରି ଗମାଙ୍ଗ, ଅଶ୍ୱିନି ଗମାଙ୍ଗ, ଦେବେନ୍ଦ୍ର ଚୌଧୁରି, ବାଲାକ୍ରିଷ୍ଣା ରାଓ ଏକ ସାଙ୍ଗରେ ଭିନ୍ନଭିନ୍ନ ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜଣେ ବ୍ୟକ୍ତି ଗୋଟିଏରୁ ଅଧିକ ନିର୍ବାଚନ ମଣ୍ଡଳୀରେ ନିଜର ନାମାଙ୍କନ ପତ୍ର ଦାଖଲ କରିପାରିବେ ନାହିଁ ବୋଲି କହି ଗୋଟିଏକୁ ରଖି ଅନ୍ୟସ୍ଥାନର ନାମାଙ୍କନ ପତ୍ରକୁ ଖାରଜ କରାଯାଇଛି। ଏ ନେଇ ସେମାନଙ୍କୁ କୌଣସି ସୁଚନା ଦିଆଯାଇନାହିଁ କି ସେମାନେ କେଉଁ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥି ହେବା ପାଇଁ ଇଚ୍ଛା କରୁଛନ୍ତି ତାହାକୁ ନ ବୁଝି ନିର୍ବାଚନ ଅଧିକାରୀ ନିଜ ମନ ମୁତାବକ ତାଲିକା ପ୍ରକାଶ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସମବାୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ତାହାକୁ ଅଣଦେଖା କରାଯାଇଥବବା ଗୌରି ଗମାଙ୍ଗ ଅଭିଯୋଗ କରିଛନ୍ତି। ଏପରିକି ନିର୍ବାଚନ ଅଧିକାରୀ ଲ୍ୟାମ୍ପ୍‌ସକୁ ନ ଆସି ବିଭିନ୍ନ କାର୍ଯ୍ୟ ତୁଲାଇଥିବା ନେଇ ସେ ଗୁରୁତର ଅଭିଯୋଗ କରିଛନ୍ତି। ଆଇନ ଅନୁଯାୟୀ ନିର୍ବାଚନ ସମ୍ବନ୍ଧୀୟ ନଥିପତ୍ର ମାଗିଲେ ଦିଆଯାଉ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରିକି ନିର୍ବାଚନ ଲଢ଼ିବା ପାଇଁ ପ୍ରଦାନ ହୋଇଥିବା ଚିହ୍ନ ଗୁଡ଼ିକ ମଧ୍ୟ ପ୍ରାର୍ଥୀଙ୍କ ସହମତି ପ୍ରକାରେ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ନେଇ ନିର୍ବାଚନ ଅଧିକାରୀ ସମୀର ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯିବାରୁ ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। କୌଣସି ମନ୍ଦ ଉଦ୍ଦେଶ୍ୟ ରଖି କାର୍ଯ୍ୟ କରାଯାଇନାହିଁ। ନିର୍ବାଚନ ଆଇନ ଅନୁଯାୟୀ ସମସ୍ତ କାର୍ଯ୍ୟ ହୋଇଛି ଏବଂ କାହାକୁ ସୁହାଇଲା ଭଳି କାର୍ଯ୍ୟ କରାଯାଇନାହିଁ ବୋଲି ସେ କହିଛନ୍ତି।

# ୮ ଦଫା ଦାବି ନେଇ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର


ଡିଇଓ ଦାବିପତ୍ର ଗ୍ରହଣ କରୁଛନ୍ତି।

ରାୟଗଡ଼ା ଅଫିସ,୮।୬

ରାୟଗଡ଼ା ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ୮ ଦଫା ଦାବି ନେଇ ଏକ ଦାବିପତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଡିଇଓଙ୍କୁ ପ୍ରଦାନ କରାଯାଇଛି।

ଏକ୍ସ କ୍ୟାଡର ପଦବୀରୁ ଏକ୍ସ ଉଚ୍ଛେଦ କରି କ୍ୟାଡର ଭୁକ୍ତ କରିବା, ପୁରୁଣା ପେନସନ ଲାଗୁ କରିବା, ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି, ଉଚ୍ଚ ବିଦ୍ୟାଳୟ ଗୁଡ଼ିକରେ ଲେବଲ-୩ ପ୍ରଧାନ ଶିକ୍ଷକ ପଦବୀ ସୃଷ୍ଟି, ସମସ୍ତ ବର୍ଗର ଶିକ୍ଷକଙ୍କୁ ସମାନ ଅବସରକାଳୀନ ଓ ମୃତ୍ୟୁକାଳୀନ ଆର୍ଥିକ ସୁବିଧା ପ୍ରଦାନ ତଥା ଦୀର୍ଘ ବର୍ଷ ଚାକିରି ପରେ ପଦୋନ୍ନତି ହେଉଥିବାରୁ ରେସିଡେନ୍ସି ଅବଧିର ଉଚ୍ଛେଦ ଆଦି ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲା ସମ୍ପାଦକ ନୀଳାଞ୍ଚଳ ମିଶ୍ର, କାର୍ଯ୍ୟକାରୀ ସଭାପତି ନରେଶ ସିଂ, ସଂଯୋଜକ ସାନନ୍ଦ ବେନିଆ, ତ୍ରିପତି ପଣ୍ଡା, ରାୟଗଡ଼ା ବ୍ଲକ ସଭାପତି ସଦାନନ୍ଦ ନାଏକ, ସମ୍ପାଦକ ଦୁର୍ଗା ସନ୍ୟାସୀ ବେହେରା, ରାଜେଶ ସୱାଲ ସିଂ, ବନୋଜ ମହାପାତ୍ର, ମହେନ୍ଦ୍ର ବିଭାର, ଉମା ପଟ୍ଟନାୟକ, ଉପସଭାନେତ୍ରୀ ସାଲନ୍ତି ଅଟାକା ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ଉପଯୁକ୍ତ ଫୋରମରେ ଉପସ୍ଥାପନ ନିମନ୍ତେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ମହାସଂଘକୁ ମଧ୍ୟ ଅବଗତ କରିବ ବୋଲି ଜିଲା ସମ୍ପାଦକ ନୀଳାଞ୍ଚଳ ମିଶ୍ର କହିଛନ୍ତି।

# ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

ପାତ୍ରପୁର, ୮।୬(ଡି.ଏନ.ଏ.)

ପାତ୍ରପୁର ବ୍ଲକ ଗୁଣ୍ଡୁରା ପଞ୍ଚାୟତ ଜଗନ୍ନାଥପୁର, ସୁନାରେଡି ଓ ଖମ୍ବାରିଗାଁ ଗ୍ରାମରେ ଗତ ସାତ ଦିନ ଧରି ଚାଲିଥିବା ଠାକୁରାଣୀ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କୋଭିଡ୍ ଯୋଗୁ ଗତ ଦୁଇ ବର୍ଷ ହେଲା ଯାତ୍ରା ବନ୍ଦ ଥିବାବେଳେ ବର୍ତ୍ତମାନ ବିଭିନ୍ନ ଗ୍ରାମର ଇଷ୍ଟ ଦେବୀଙ୍କ ଯାତ୍ରା ଆରମ୍ଭ ହୋଇଛି। ଶାନ୍ତି ଶୃଙ୍ଖଳାର ସହ ତିନୋଟି ଗ୍ରାମରେ ଯାତ୍ରା ସମାପନ ହୋଇଥିଲା ବେଳେ ଜରଡ଼ାଗଡ଼ରେ ଜଗତଜନନୀ ଠାକୁରାଣୀ ଯାତ୍ରା ପ୍ରବଳ ଉତ୍ସାହର ସହିତ ଆରମ୍ଭ ହୋଇଛି। ସୋମବାର ଜରଡା ରାଜାସାହେବ ଦୀପକ ଚନ୍ଦ୍ର ଦେଓ, ଯାତ୍ରାକମିଟି, ଗ୍ରାମବାସୀ ଓ ପୂଜକ ପରିବାର ମିଳିତ ଭାବେ ଠାକୁରାଣୀଙ୍କୁ ଆବାହନ କରିବା ପାଇଁ ବାହାରିଥିଲେ। ସ୍ଥାୟୀ ପୀଠରେ ପୂଜାର୍ଚ୍ଚନା ପରେ ମା'ଙ୍କ ମଥାରୁ ଫୁଲ ଖସି ଚାଙ୍ଗୁଡ଼ିରେ ପଡିବା ପରେ ବାଜା ବାଜଣା ସହିତ ଯୁବଗୋଷ୍ଠୀ ନାଚିନାଚି ମା'ଙ୍କୁ ବ୍ରାହ୍ମଣ ସାହିସ୍ଥିତ ଅସ୍ଥାୟୀ ପୀଠରେ ଆଣି ସ୍ଥାପନା କରିଥିଲେ। ମଙ୍ଗଳବାର ସକାଳରୁ ମା'ଙ୍କ ଅସ୍ଥାୟୀ ପୀଠରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି।

# ମହିଳାଙ୍କୁ ଘରୁ ଡାକି ପୋଲିସ ମାଡ଼ ମାରିଥିବା ଅଭିଯୋଗ

ଚିତ୍ରକୋଣ୍ଡା,୮।୬(ଡି.ଏନ୍.ଏ.)

- ଆର୍ଏସି-୧୩ ଗାଁରୁ ୧୫୯୬.୩ କେ.ଜି. ଗଞ୍ଜେଇ ଜବତ, ୨ ଗିରଫ
- ଗଞ୍ଜେଇ ଧରାଯିବାରୁ ମିଥ୍ୟା ଗ୍ରାମବାସୀ ଅଭିଯୋଗ କରିଛନ୍ତି: ପୋଲିସ

ଗଞ୍ଜେଇ ଚାଲାଣ ସୂଚନା ପାଇ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ପୋଲିସ ସୋମବାର ରାତିରେ ନୂଆଗୁଡ଼ା ପଞ୍ଚାୟତର ଆର୍ଏସସି ୧୩, ଆର୍ଏସି ୧୦, ଆର୍ଏସି ୧୧ ଗ୍ରାମରେ ଯାନବାହନ ଯାଞ୍ଚ ସମୟରେ ୧୫୯୬ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆର୍ଏସି ୧୩ ଗ୍ରାମର ଦଶରଥ ଖିଲ(୨୭) ଏବଂ କେଶବ ଖଡା(୨୩)।

ସୂଚନା ଅନୁଯାୟୀ, ଆର୍ଏସି ୧୩ ଗ୍ରାମ ନିକଟରେ ଦୁଇଟି ଗାଡ଼ି ନମ୍ବର ଏପି ୦୫ ଇଡବ୍ଲ୍ୟୁ ୨୩୫୯ ଏବଂ ଓଡି ୧୦ ଡି ୭୦୪୩ ଏବଂ କେତେଜଣ ଲୋକ ଠିଆ ହୋଇଥିବା ପୋଲିସ ଦେଖିଥିଲା। ପୋଲିସ ସେଠାକୁ ଯାଇ ଗଞ୍ଜେଇ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ୬୪ ବ୍ୟାଗ୍ ଗଞ୍ଜେଇ ରଖିଥିବାବେଳେ ପୋଲିସକୁ ଦେଖି କିଛି ଲୋକ ଜଙ୍ଗଲ ଦିଗକୁ ଦୌଡ଼ିଥିଲେ। ସେମାନଙ୍କ ମଧ୍ୟରୁ ପୋଲିସ ୨ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ଏହି ସମୟରେ ଆର୍ଏସି ୧୩ ଗ୍ରାମବାସୀ ସେଠାରେ ଉପସ୍ଥିତ ଥିଲେ। ଗାଁ ଲୋକେ ପୋଲିସକୁ ଘେରିଯାଇ ଗଞ୍ଜେଇ ଜବତ ନ କରି ଛାଡ଼ିଦେବାକୁ କହିଥିଲେ। ପୋଲିସ ସେମାନଙ୍କ କଥାକୁ ଖାତିର ନ କରି ଗଞ୍ଜେଇ ଜବତ କରିଥିବା ବୁଧବାର ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଉକ୍ତ ଗଞ୍ଜେଇ ଜବତ ଘଟଣାରେ ମଙ୍ଗଳବାର ଆର୍ଏସସି ୧୩ ଗ୍ରାମର କେତେଜଣ ମହିଳା ପୋଲିସ ବିରୋଧରେ ଅଭିଯୋଗ କରିଛନ୍ତି। ବିନା କାରଣରେ ଚିତ୍ରକୋଣ୍ଡା ପୋଲିସ ଗାଁରେ ପଶି ଘରୁ ଡାକି ମହିଳାମାନଙ୍କୁ ମାଡ଼ ମାରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିରେ କେତେଜଣ ମହିଳା ଗୁରୁତର ଏବଂ ଆହତ ହୋଇ ଡାକ୍ତରଖାନା ଯିବାକୁ ପଡ଼ିଥିବା ସେମାନେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ମହିଳାମାନଙ୍କ କହିବା ହେଲା ଚିତ୍ରକୋଣ୍ଡା ଥାନାର ୫୦ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ୫ଟି ଗାଡ଼ିରେ ଆସି ରାତି ପ୍ରାୟ ଗୋଟାଏ ବେଳେ ଗାଁରେ ପଶିଥିଲେ। କୌଣସି କାରଣ ନ ଦର୍ଶାଇ ଘରୁ ଡାକି ମାରପିଟ କରିଥିଲେ। ଅଭିଯୋଗ ନେଇ ଚିତ୍ରକୋଣ୍ଡା ଥାନା ଅଧିକାରୀ ଅନିଲ କୁମାର ପରିଡ଼ାଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିବା ସହ ଏହା ଭିତ୍ତିହୀନ ବୋଲି କହିଛନ୍ତି। ଗଞ୍ଜେଇ ଜବତ କରି ୨ ଜଣଙ୍କୁ ଗିରଫ କରାଯାଇଥିବାରୁ ଗ୍ରାମବାସୀ ପୋଲିସକୁ ବଦନାମ କରିବାକୁ ଏଭଳି ଅଭିଯୋଗ କରିଥିବା କହିଛନ୍ତି। ଅନ୍ୟପକ୍ଷରେ ମାଲକାନଗିରି ଏସ୍‌ପି ନିତିଶ ୱାଧୱାନୀ ମଧ୍ୟ ଏହା ଏକ ମିଥ୍ୟା ଆରୋପ ବୋଲି କହିଛନ୍ତି।

## ସଂକ୍ଷେପରେ

### ନିଶାସକ୍ତ ଅବସ୍ଥାରେ ବାଇକ ଚଳାଇ ୨ ଗିରଫ

ଜୟପୁର, ୮।୬ (ନି.ପ୍ର.): ମଦ୍ୟପାନ କରି ବାଇକ ଚଳାଇବା ଅଭିଯୋଗରେ ଜୟପୁର ଟାଉନ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ଭାରତୋଟାର ପ୍ରଶାନ୍ତ କୁମାର ବେହେରା ଓ ଡଙ୍ଗାଗୁଡ଼ାର ଭି. ବେଣୁ। ପୋଲିସ ସୂଚନାନୁଯାୟୀ ଆର୍‌ଟିଓ ଓ ଜୟପୁର ଟାଉନ ପୋଲିସ ମିଳିତଭାବେ ଗାଡ଼ି ଯାଞ୍ଚ କରୁଥିଲା। ଜୟପୁର ଗାନ୍ଧୀ ଛକ ନିକଟରେ ଯାଞ୍ଚ କରିବାବେଳେ ଅଭିଯୁକ୍ତମାନେ ଉକ୍ତ ରାସ୍ତା ଦେଇ ଯାଉଥିଲେ। ମେଶିନ ଦ୍ୱାରା ଯାଞ୍ଚ କରିବାରୁ ୨ଜଣ ନିଶାସକ୍ତ ଥିବା ଜଣାପଡ଼ିଥିଲା। ଏହାପରେ ସେମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯିବା ସହ ଗାଡ଼ି ୨କୁ ଜବତ କରାଯାଇଥିବା ଟାଉନ ଥାନାଧିକାରୀ ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ବାଇକ ଚାଳକ ଗୁରୁତର



ପାପଡାହାଣ୍ଡି,୮।୬(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦେଇଯାଇଥିବା ଜାତୀୟ ରାଜପଥ ୨୬ର ଆମପାଣି ଘାଟିର ଜୁନା ପାଣି ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ମଇଦଲପୁର ପଞ୍ଚାୟତ ଖଡ଼କାପଦର ଗ୍ରାମର କମଳ ଲୋଚନ ଜାନି। ସୂଚନାନୁଯାୟୀ, କମଳ ଏକ ବାଇକ୍ (ଓଡ଼ି-୦୮ସି-୪୮୫୪)ରେ ସ୍ଥାନୀୟ ସାପ୍ତାହିକ ହାଟକୁ ଆସି ଘରକୁ ଫେରିବାବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିବା ସନ୍ଦେହ କରାଯାଉଛି। ଏଥିରେ କମଳଙ୍କ ଡାହାଣ ହାତ ଓ ଗୋଡ଼ ଭାଙ୍ଗିଯାଇଛି। ତାଙ୍କୁ ପ୍ରଥମେ ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପାପଡାହାଣ୍ଡି ଡାକ୍ତରଖାନାକୁ ଅଣାଯାଇଥିଲା। ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମଇଦଲପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବି.ମାଳୀଗୁଡ଼ା ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ



ନନ୍ଦାହାଣ୍ଡି,୮।୬(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ବି. ମାଳିଗୁଡ଼ା ପଞ୍ଚାୟତର ନୂତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଭତରା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ପଞ୍ଚାୟତର ବିକାଶ ଉପରେ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି। ଦାୟିତ୍ୱ ଗ୍ରହଣ ଅବସରରେ ବ୍ଲକ ଅଧକ୍ଷା ରଶ୍ମିତା ମାଝି, ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ସାହୁ, ବିଧାୟକ ପ୍ରତିନିଧି ଦୟାନିଧି ବିଷୋୟୀ, ଏବିଡିଓ ପ୍ରଫୁଲ୍ଲ କୁମାର କଂଅର ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ସରପଞ୍ଚଙ୍କୁ ଫୁଲତୋଡା ଦିଆଯାଇ ସ୍ୱାଗତ କରାଯାଇଛି।

# ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କଲେ ସବୁ ଦଳର ନେତା

ଜୟପୁର, ୮।୬(ନି.ପ୍ର.)




ବିକ୍ଷୋଭରେ ସାମିଲ ହୋଇଥିବା ନେତା ଓ ସାଧାରଣ ଜନତା।

କୋରାପୁଟ ଭଳି ଆକାଂକ୍ଷୀ ଜିଲାରେ ଶିକ୍ଷାର ବିକାଶ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାକୁ ନେଇ କେନ୍ଦ୍ର ସରକାର ଘୋଷଣା କରିଥିଲେ। ଦକ୍ଷିଣ ଓଡ଼ିଶାର ଦ୍ୱିତୀୟ ବୃହତମ ସହର ଜୟପୁରରେ ୨୦୧୭ରୁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ଦାବି ହୋଇ ଆସୁଛି। ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଜମି, ଅସ୍ଥାୟୀ କୋଠା ବ୍ୟବସ୍ଥା କରାଯାଇଛି । ଆଶା ଥିଲା ଚଳିତ ବର୍ଷ ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲବ ବୋଲି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ତାଳମେଳ ଅଭାବରୁ କେନ୍ଦ୍ରୀୟ ବିଦ୍ୟାଳୟର ଆଶା ଏବେ ନିରାଶାରେ ପାଲଟିଯାଇଛି। ଏହା ବିରୋଧରେ ବୁଧବାର ଏକ ସର୍ବଦଳୀୟ ପ୍ରତିବାଦ କରାଯାଇଛି।

ଜୟପୁର ସହରର ଜନସଂଖ୍ୟା ୧ ଲକ୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ହେବ। ଏଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ରହିବା କଥା। ଚଳିତ ବର୍ଷ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବ ଏବଂ ନାମଲେଖା ପ୍ରକ୍ରିୟା ବି ଆରମ୍ଭ ହେବ ବୋଲି ଆଶା ଥିଲା। କିନ୍ତୁ ସବୁ କିଛି ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ସ୍ୱଷ୍ଟ ସୂଚନା ମିଳିପାରୁନାହିଁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲା ପ୍ରଶାସନ ପକ୍ଷରୁ ଗ୍ଲୋକାଲ ହସ୍ପିଟାଲ ପଛପଟେ ଟାଉନ ମଧ୍ୟରେ ୮ ଏକର ଜମି ଦେବାକୁ ସବୁ କାମ ସରିଛି। ଚଳିତ ବର୍ଷ ଅସ୍ଥାୟୀଭାବେ ବିଦ୍ୟାଳୟ ଚାଲିବା ପାଇଁ ଆଦିବାସୀ ସମନ୍ୱିତ ବିଭାଗର ଅନ୍ୱେଷା କୋଠା ଘର ବି ହସ୍ତାନ୍ତର କରିଛି ପ୍ରଶାସନ। ଏଥିପାଇଁ ଜୟପୁରବାସୀଙ୍କ ମନରେ କ୍ଷୋଭ ସୃଷ୍ଟି ହୋଇଛି। କେନ୍ଦ୍ରୀୟ ବିଦ୍ୟାଳୟ

**ତେଜୁଛି କେନ୍ଦ୍ରୀୟ ବିଦ୍ୟାଳୟ ତାତି**

ଚଳିତ ବର୍ଷ ସ୍ଥାପନ କରା ନ ଗଲେ ଆଗାମୀ ଦିନରେ କୋରାପୁଟ ଜିଲା ବନ୍ଦ ଚେତାବନୀ ଦେଇଛନ୍ତି ବିକ୍ଷୋଭକାରୀ। ଏ ନେଇ ଜୟପୁର ଉପଜିଲାପାଳ ବେଦବର ପ୍ରଧାନଙ୍କୁ ପଚାରିବାରୁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଜମି ସହିତ ଅସ୍ଥାୟୀ କୋଠା ବି ଦେବାକୁ ପ୍ରସ୍ତୁତି ଶେଷ ହୋଇଛି। କେବଳ କେନ୍ଦ୍ରୀୟ ବିଦ୍ୟାଳୟ ଅଧିକାରୀ ଜମି ହସ୍ତାନ୍ତର ପାଇଁ ଆସିବାକୁ ଅପେକ୍ଷା କରାଯାଇଥିବା ସେ କହିଛନ୍ତି। ଏହି ଆନ୍ଦୋଳନରେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ବିଜେଡି ଟାଉନ ସଭାପତି ହର ମିଶ୍ର, ସିପିଆଇର ଯୁଧିଷ୍ଠିର ରାଉଳ, ରାଜେନ୍ଦ୍ର କୁମାର ଗୌଡ଼, ସହଦେବ ପଟ୍ଟନାୟକ, ତାପସ ପଣ୍ଡା, ପ୍ରମୋଦ ମହାନ୍ତି, ସତ୍ୟବ୍ରତ ନନ୍ଦ, ପ୍ରଣବ ପ୍ରକାଶ ନାୟକ, ତ୍ରିପତି ପାଣିଗ୍ରାହୀ, ଚନ୍ଦ୍ର ଶେଖର ମହାକୁଡ଼, କାର୍ତ୍ତିକ ରାଉତ, ଗୌରୀ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଛନ୍ତି।

# ସ୍ତ୍ରୀଙ୍କ ବେକ କାଟି ହତ୍ୟା

କୋରାପୁଟ/ଦଶମନ୍ତପୁର, ୮।୬ (ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ସଦର ଥାନା ଅଧୀନ ଛୋଟାଗୁଡ଼ା ଗ୍ରାମରେ ବୁଧବାର ସକାଳୁ ଜଣେ ମହିଳାଙ୍କ ମୃତଦେହ ମିଳିଛି। ପାରିବାରିକ କଳହ ଯୋଗୁ ସ୍ୱାମୀ ତାଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଜାନକୀ ଦାମୀ (୨୩)। କୋରାପୁଟ ସଦର ଥାନା ଏସ୍‌ଆଇ ପ୍ରଫୁଲ୍ଲ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ଦାମୋଦର ଦାମୀ(୨୬)ଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ କୋରାପୁଟ ସଦର ଥାନାରେ ୯୨/୨୨ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ସଦର ଥାନାଧିକାରୀ କିରଣବାଲା ସାମଲ ସୂଚନା ଦେଇଛନ୍ତି ।

ସୂଚନାନୁଯାୟୀ, ଛୋଟାଗୁଡ଼ାର ଦାମୋଦର ଦାମୀ ଏଲ୍. ବାଡ଼ିଗୁଡ଼ାର ଜାନକୀଙ୍କୁ ୫ ବର୍ଷ ପୂର୍ବେ ବିବାହ କରିଥିଲେ। କିନ୍ତୁ ଏତେବର୍ଷ ପରେ ବି ତାଙ୍କର କୌଣସି ସନ୍ତାନ ନ ହେବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ କଳହ ଲାଗି ରହୁଥିଲା। ଗତ କିଛିଦିନ ତଳେ ଦାମୋଦର ଜାନକୀଙ୍କୁ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ବୁଧବାର ସକାଳ ୬ଟାରେ ଦାମୋଦର ନିଶାସକ୍ତ ଅବସ୍ଥାରେ ସ୍ତ୍ରୀଙ୍କ ସହ ଝଗଡ଼ା କରିଥିଲେ। ବଚସା ବଢ଼ିବା ପରେ ଦାମୋଦର ଉତ୍ତେଜିତ ହୋଇ ପରିବାକଟା ଛୁରିରେ ଜାନକୀଙ୍କ ବେକ କାଟିଦେଇଥିଲେ। ଜେରା ବେଳେ ଦାମୋଦର ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି।

# ପଥର, ମାଟି ଅତଡ଼ା ପଡ଼ି ଯୁବକ ମୃତ

କୋଡ଼ିଙ୍ଗା, ୮।୬(ଡି.ଏନ୍.ଏ.)

**ଘର କାମ ପାଇଁ ଆଣିବାକୁ ଯାଇଥିଲେ ପଥର**

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଫାମ୍ପୁଣୀ ନିକଟ ହରିଗୁଡ଼ା ଗ୍ରାମରେ ବୁଧବାର ପଥର ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସଂଗ୍ରାମ ଜାନି (୩୮)। ସୂଚନାନୁଯାୟୀ, ସଂଗ୍ରାମ ବୁଧବାର ସକାଳ ପ୍ରାୟ ୧୦ଟାରେ ଘର ନିର୍ମାଣ ପାଇଁ ଗ୍ରାମ ନିକଟରେ ଥିବା ପାହାଡ଼କୁ ପଥର ଆଣିବାକୁ ଯାଇଥିଲେ। ଖଣ୍ଡ ଖଣ୍ଡ ପଥରକୁ ସଂଗ୍ରହ କରିବା ସମୟରେ ସଂଗ୍ରାମ ଉପରେ ପଥର ଓ ମାଟି ଅତଡ଼ା ଖସି ପଡ଼ିଥିଲା। ସେଠରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକେ ସଂଗ୍ରାମଙ୍କୁ ଉଦ୍ଧାରକରି କୋଷାଗୁମୁଡ଼ା ଡାକ୍ତରଖାନାକୁ ନେଇଥିଲେ। ଗୁରୁତର ଥିବାରୁ ସଂଗ୍ରାମଙ୍କୁ ଜିଲା ସଦର ମହକୁମା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସଂଗ୍ରାମଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ଭାଇ କୋଡ଼ିଙ୍ଗା ଥାନାରେ ଏକ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି କୋଡ଼ିଙ୍ଗା ଥାନାରେ ୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା କୋଡ଼ିଙ୍ଗା ଥାନା ଅଧିକାରୀ ଦୁର୍ଗା ମାଧବ ବାଗ ସୂଚନା ଦେଇଛନ୍ତି।

# ହିତାଧିକାରୀ, ମହିଳାଙ୍କୁ ୨୫ କୋଟିର ଋଣ



କୋରାପୁଟ ବିଧାୟକ ଏସ୍‌ଏଚ୍‌ଜି ମହିଳାଙ୍କୁ ଋଣ ପ୍ରଦାନ କରୁଛନ୍ତି।

କୋରାପୁଟ,୮।୬ (ସ୍ୱ.ପ୍ର.)

**କୋରାପୁଟରେ ଋଣ ସଂଯୋଗୀକରଣ ମେଳା**

କୋରାପୁଟ ସଦର ମହକୁମା ଲିଡବ୍ୟାଙ୍କ ପରିସରରେ ବୁଧବାର ଋଣ ସଂଯୋଗୀକରଣ ମେଳା ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଲିଡ୍ ବ୍ୟାଙ୍କ ମ୍ୟାନେଜର ଲିଙ୍ଗରାଜ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଋଣ ସଂଯୋଗୀକରଣ ମେଳାରେ କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହି ମେଳାର ଶୁଭାରମ୍ଭ କରିବା ସହ ଏହାର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ କୋରାପୁଟ ଜିଲାପାଳ ଅବ୍‌ଦାଲ ଏମ ଅଖତାର ଏବଂ ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକ କାବୁଲା ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଋଣ ନେବାକୁ ଆସିଥିବା ହିତାଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ। ମିଶନ ଶକ୍ତି ଏସ୍‌ଏଚ୍‌ଜି ମହିଳାମାନେ କିପରି ବ୍ୟାଙ୍କରୁ ଋଣ ସୁବିଧାରେ ପାଇପାରିବେ ସେଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ଜିଲାପାଳ ଅବ୍‌ଦାଲ ଏମ ଅଖତାର କହିଛନ୍ତି। ବିଶେଷ କରି ଏହି ମେଳାରେ ବଳରାମ ଯୋଜନାରେ ୧୨୦ ଜଣ ହିତାଧିକାରୀଙ୍କୁ ପ୍ରାୟ ୨୫ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ବଳରାମ ଯୋଜନାରେ କୃଷି ଋଣ ଓ ଏସଏଚ୍‌ଜି ମହିଳାମାନଙ୍କୁ ଋଣ ଦିଆଯାଇଥିବାରୁ ଜିଲାପାଳ ଏସ୍‌ବିଆଇ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି।

# ପୁଷ୍ପ ନିର୍ଜଳୀକରଣ ପଦ୍ଧତିରେ କାରୁକାର୍ଯ୍ୟ ତିଆରି ତାଲିମ

ନବରଙ୍ଗପୁର, ୮।୬(ବି.ପ୍ର.)

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ ଲକ୍ଷ୍ନୌ ପକ୍ଷରୁ ମହିଳାମାନଙ୍କୁ ଆତ୍ମ ନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ବିଜ୍ଞାନ ଓ କାରିଗରୀ ବିଦ୍ୟା ପ୍ରକଳ୍ପ ଜରିଆରେ ପୁଷ୍ପ ନୀର୍ଜଳୀକରଣ ଦ୍ୱାରା ସୁକ୍ଷ୍ମକାର୍ଯ୍ୟ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ ମହିଳାମାନଙ୍କୁ ଆତ୍ମ ନିର୍ଭରଶୀଳ କରିବା ଦିଗରେ ଏହି ତାଲିମ ଫଳପ୍ରଦ ହୋଇପାରିବ ବୋଲି କହିଥିଲେ। ନବରଙ୍ଗପୁରଠାରେ ଏକ ଦୋକାନ ଗୃହ ଖୋଲି ଏହି ଜିଲାରେ ଉତ୍ପାଦିତ ଜିନିଷ ବିକ୍ରି କରାଯିବ ବୋଲି ସେ କହିଥିଲେ। ଓରମାସର ଉପ କାଯ୍ୟନିର୍ବାହୀ ଯୋଗଦେଇ ଗ୍ରାମୀଣ ମହିଳାମାନଙ୍କର ଆର୍ଥିକ ଉନ୍ନତି ଦିଗରେ ଏହା ନିଶ୍ଚିତ ଭାବରେ ସହାୟକ ହୋଇପାରିବ ବୋଲି କହିଥିଲେ। ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ ଲକ୍ଷ୍ନୌର ମୁଖ୍ୟ ବୈଜ୍ଞାନିକ ଡଃ ଶ୍ରୀକୃଷ୍ଣ ତିୱାରି ଯୋଗଦେଇ କମ୍ ଖର୍ଚ୍ଚ ଓ କମ୍ ପରିଶ୍ରମରେ ଏହି କାରୁକାର୍ଯ୍ୟ ତିଆରି ହୋଇ ପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ପ୍ରଧାନ ବୈଜ୍ଞାନିକ ପୁନୀତ ସିଂହ ଚୌହାନ ଯୋଗଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଏହି କାରୁକାର୍ଯ୍ୟ କଲେ ନିଶ୍ଚିତ ଭାବେ ଆୟ ବୃଦ୍ଧି ହୋଇପାରିବ ବୋଲି କହିଥିଲେ। ଏହି ତାଲିମ କାର୍ଯ୍ୟକ୍ରମକୁ ବିଜ୍ଞାନ ଓ କାରିଗରୀ ବିଦ୍ୟା ପ୍ରକଳ୍ପର କ୍ରିୟାନ୍ୱୟନ କମିଟି ସଦସ୍ୟ ଲକ୍ଷ୍ମୀ ନାରାୟଣ ବକ୍ସି ସଂଯୋଜନା କରିଥିଲେ। ଡ. ଶ୍ୱେତା ସିଂହ ଓ ଶଶାଙ୍କ ମିଶ୍ର ପରିଚାଳନା ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଋଣ ଦେବାବେଳେ ବ୍ୟାଙ୍କରମାନେ ସହାନୁଭୂତି ଦେଖାଇବା ଜରୁରୀ




ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ହିତାଧିକାରୀଙ୍କୁ ଋଣ ପ୍ରଦାନ କରୁଛନ୍ତି।

ନବରଙ୍ଗପୁର,୮।୬(ବି.ପ୍ର.)

ଆର୍ଥିକ ସେବା ବିଭାଗର ନିର୍ଦ୍ଦେଶାନୁଯାୟୀ ନବରଙ୍ଗପୁର ଜିଲା ଲିଡ୍ ବ୍ୟାଙ୍କ ଅଫିସ୍ ଦ୍ୱାରା ଏକ କ୍ରେଡିଟ୍ ଆଉଟ୍ରିଚ୍ କାର୍ଯ୍ୟକ୍ରମ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମକୁ ନବରଙ୍ଗପୁର ବିଧାୟକ ସାଦାଶିବ ପ୍ରଧାନୀ, ଜିଲାପାଳ କମଳ ଲୋଚନ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଡିଆର୍‌ଡିଏ ପିଡି ରତ୍ନକର ସାହୁ, ସବ୍ କଲେକ୍ଟର ଅକ୍ଷୟ ସୁନୀଲ ଅଗ୍ରୱାଲ, ବିଭିନ୍ନ ବିଭାଗର ଅଧିକାରୀ, ଜିଲାର ବିଭିନ୍ନ ବ୍ୟାଙ୍କ, ବିଏମ୍‌ଏସ୍ ଗ୍ରାହକ ଏବଂ ଋଣ ନେଇଥିବା ବ୍ୟକ୍ତିମାନେ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ଯୋଜନାରେ ସମସ୍ତ ବ୍ୟାଙ୍କ ଦ୍ୱାରା ଋଣ ପ୍ରଦାନ ବୃଦ୍ଧି କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ।

ଗତ ବର୍ଷ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଧାଡିର ବାର୍ଷିକ କ୍ରେଡିଟ୍ ଟାର୍ଗେଟ୍ ହାସଲକୁ ନେଇ ଜିଲାପାଳ ଖୁସି ବ୍ୟକ୍ତ କରିଥିଲେ। ଚଳିତ ବର୍ଷ ଏସ୍‌ଏଚ୍‌ଜି ମହିଳାମାନେ ଲକ୍ଷ୍ୟ ହାସଲ କରିବା ପାଇଁ ବ୍ୟାଙ୍କଗୁଡିକ ଯଥାସମ୍ଭବ ଉଦ୍ୟମ କରିବା ଉଚିତ୍ ବୋଲି ଡିଆର୍‌ଡିଏ ପିଡି ରତ୍ନାକର ସାହୁ କହିଛନ୍ତି। ଗତ ବର୍ଷର ଲକ୍ଷ୍ୟ ହାସଲ କରିଥିବାରୁ ସେ ବ୍ୟାଙ୍କରମାନଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି। ବରିଷ୍ଠ ନାଗରିକ ତଥା ଶାରୀରିକସ୍ତରରେ ଅକ୍ଷମ ଥିବା ବ୍ୟକ୍ତିମାନଙ୍କ ପ୍ରତି ବ୍ୟାଙ୍କଗୁଡିକ ସ୍ୱତନ୍ତ୍ର ସେବା ଯୋଗାଇବାକୁ ବିଧାୟକ ସଦାଶିବ ପ୍ରଧାନୀ କହିଛନ୍ତି। ଗୃହ ଋଣ ପାଇବା ସମୟରେ ଲେକେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀକୁ ହ୍ୟାଣ୍ଡହୋଲ୍ଡ ସହାୟତା ପ୍ରଦାନ କରିବାକୁ ସେ ବ୍ୟାଙ୍କର ମାନଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଲିଡ୍ ବ୍ୟାଙ୍କ ମ୍ୟାନେଜର ସୁକୁମାର ବକ୍ସି ପେନ୍‌ସନ ଦେୟ ଦିନରେ ବରିଷ୍ଠ ନାଗରିକଙ୍କ ପାଇ ସ୍ୱତନ୍ତ୍ର କାଉଣ୍ଟର ଖୋଲିବାକୁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ବ୍ୟାଙ୍କର ଏବଂ ଗ୍ରାହକଙ୍କ ମଧ୍ୟରେ ସମ୍ପର୍କ ମା ଏବଂ ପିଲା ପରି ଅଟେ। ତେଣୁ ଅଭାବୀ ଗ୍ରାହକଙ୍କ ସହିତ କାରବାର କରିବାବେଳେ ବ୍ୟାଙ୍କରମାନେ ଅତ୍ୟଧିକ ସହନଶୀଳତା ଏବଂ ସହାନୁଭୂତି ପ୍ରଦର୍ଶନ କରିବା ଜରୁରୀ ବୋଲି ଉପଜିଲାପାଳ ଅଗ୍ରୱାଲ କହିଛନ୍ତି। ଅର୍ଥନୀତିର ଅଭିବୃଦ୍ଧି ପାଇଁ ଉତ୍ପାଦକ କାର୍ଯ୍ୟକଳାପରେ ଏସ୍‌ଏଚ୍‌ଜି ପାଣ୍ଠିକୁ ଠିକ୍‌ଭାବେ ବ୍ୟବହାର କରାଯିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି। ବ୍ୟାଙ୍କରମାନେ ଅଧିକ ପରିମାଣର ଋଣ ମଞ୍ଜୁର କରିବାକୁ ଆଗେଇ ଆସିବାକୁ ଜରୁରୀ, ଏହାଦ୍ୱାରା ସେମାନେ ଅର୍ଥନୀତିକୁ ପୁନର୍ଜୀବିତ କରିବାରେ ସହାୟକ ହେବେ ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ କହିଛନ୍ତି। ଅତିଥିମାନେ ହିତାଧିକାରୀଙ୍କୁ ଋଣ ପ୍ରଦାନ କରିଛନ୍ତି।

# ୧୦ ବର୍ଷ ହେବ ସଫା ହେଉନି ନାଳ, ଗାଁରେ ପଶୁଛି ଡ୍ରେନ୍ ପାଣି

ନନ୍ଦାହାଣ୍ଡି,୮।୬(ଡି.ଏନ୍.ଏ.)



ମନ୍ଦିର ଆଗରେ ପୋତି ହୋଇଯାଇଥିବା ନାଳ।

ରାସ୍ତାରେ ଭାସୁଛି ଡ୍ରେନ୍ ପାଣି। ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପୋଡ଼ାଲଗୁଡା ପଞ୍ଚାୟତ ସଦର ଗାଁରେ ଥିବା ଡ୍ରେନ୍ ୧୦ ବର୍ଷ ହେବ ସଫା ହେଉନାହିଁ। ନବରଙ୍ଗପୁରଠାରୁ ଇନ୍ଦ୍ରାବତୀ ଯିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ପୋଡ଼ାଲଗୁଡ଼ାରେ ଥିବା ଡ୍ରେନ୍ ପୋତିହୋଇଯିବାରୁ ଏହାର ପାଣି ଗାଁ ଭିତରେ ପଶୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରେନ୍ ନିକଟରେ ମାଆଙ୍କ ମନ୍ଦିର ରହିଛି। ମନ୍ଦିର ଆଗରେ ଡ୍ରେନ୍ ପାଣି ଭାସୁଥିବାରୁ ଶ୍ରଦ୍ଧାଳୁମାନେ ଏହାକୁ ନାପସନ୍ଦ କରିଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ଅଧା କିଲୋମିଟର ଦୂରତାରେ ଡ୍ରେନ୍‌ର ଏଭଳି ଦୟନୀୟ ସ୍ଥିତି। ତୁରନ୍ତ ଡ୍ରେନ୍ ସଫା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# 'ଆଦିବାସୀଙ୍କ ବିକାଶ ନାମରେ ଚାଲିଛି ଅର୍ଥ ହରିଲୁଟ୍'

କୋଷାଗୁମୁଡ଼ା, ୮।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକରେ ଶହୀଦ ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଙ୍ଘ ଓ ମୂଳନୀବାସୀ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଛି। କୋଷାଗୁମୁଡା ବ୍ଲକ ଶହୀଦ ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଙ୍ଘ ସଭାପତି ସୁଦର୍ଶନ ନାୟକ, ସାଧାରଣ ସମ୍ପାଦକ ସାସେନ ନାୟକ ମୂଳନୀବାସୀ ବିକାଶ ପରିଷଦ ବ୍ଲକ ସଭାପତି ମୁରଲୀଧର ବିଷୋୟୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଛି। ବ୍ଲକର ୨୬ ପଞ୍ଚାୟତରେ ନିରୀହ ଆଦିବାସୀ ବସବାସ କରୁଛନ୍ତି। ସରକାର ଆଦିବାସୀଙ୍କ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତଥାପି କୋଷାଗୁମୁଡା ବ୍ଲକରେ ବସବାସ କରୁଥିବା ଆଦିବାସୀଙ୍କ ବିକାଶ ହୋଇପାରୁନାହିଁ। ଏବେ ମଧ୍ୟ ବ୍ଲକ ଶିକ୍ଷା କ୍ଷେତ୍ରରେ ପଛୁଆ। ସ୍ୱାସ୍ଥ୍ୟସେବା ଅତି ଶୋଚନୀୟ ରହିଛି। ନିରୀହ ଆଦିବାସୀଙ୍କ ବିକାଶ ନାମରେ ଅର୍ଥ ହରିଲୁଟ ହେଉଛି ବୋଲି ଜିଲା ମୂଳ ନିବାସୀ ବିକାଶ ପରିଷଦ ଅଧକ୍ଷ ଚନ୍ଦ୍ରଧ୍ୱଜ ମାଝି କହିଛନ୍ତି। କାର୍ଯ୍ୟକ୍ରମରେ ରଞ୍ଜନ ମହୁରୀଆ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ବ୍ଲକ ସଂଘ କର୍ମକର୍ତ୍ତାଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ସମସ୍ୟାକୁ ସମାଧାନ ଦାବି ସ୍ଲୋଗାନ ଦେଇଥିଲା। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୋଷାଗୁମୁଡା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



ଦାବିପତ୍ର ଦେବାକୁ ବାହାରିଥିବା ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ପୋଷ୍ଟ ଅଫିସ ସ୍ଥାନାନ୍ତର ପରେ ଜମାକାରୀ ହନ୍ତସନ୍ତ

ସୁନାବେଡ଼ା,୮।୬(ସ୍ୱ.ପ୍ର.)

ଲୋକଙ୍କ ସୁବିଧା ଲାଗି ୧୯୭୩ରେ ଜୟପୁର ସର୍କଲ ଅଧୀନରେ କୋରାପୁଟ ଜିଲା ସୁନାବେଡ଼ା ହାଲ୍ ଟାଉନଶିପ୍ ଜି ଜୋନ୍‌ରେ ଖୋଲାଯାଇଥିବା ସବ୍ ପୋଷ୍ଟ ଅଫିସ ଇତିମଧ୍ୟରେ ଅନ୍ୟ ଏକ ଉପଡାକଘରକୁ ସ୍ଥାନାନ୍ତର ହୋଇଯାଇଛି। କିନ୍ତୁ ଗତ ୩ ତାରିଖରୁ ଏହାକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେଠାରେ ସେବା ଆରମ୍ଭ କରାଯାଇ ପାରୁନାହିଁ। ଫଳରେ ପୂର୍ବ ଶାଖାରେ ଜମାଖାତା ଖୋଲିଥିବା ଜମାକାରୀ କୌଣସି ପ୍ରକାର ନେଣଦେଣ କରିପାରୁନାହାନ୍ତି। ଏନେଇ ଗ୍ରାହକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି।

ପୂର୍ବ ଡାକଘର ଉପରେ ସେକ୍ଟର ୭ ଅଞ୍ଚଳରେ ରହୁଥିବା ହାଲ୍‌ର ସମସ୍ତ କର୍ମଚାରୀଙ୍କ ସମେତ ରାଜପଲମା, ରାଜପୁଟ୍, ବଡ଼ ବୋଡ଼େଙ୍ଗା, ସାନବୋଡ଼େଙ୍ଗା, ପାତ୍ରପୁଟ,ଜର୍ସି ଫାର୍ମ ଭଳି ପ୍ରାୟ ୧୦ଖଣ୍ଡରୁ ଅଧିକ ଗାଁ ଲୋକ ନିର୍ଭର କରନ୍ତି। ଏହି ଡାକଘରେ ସ୍ୱଳ୍ପ କାରବାର ଦର୍ଶାଇ ଏଠାରେ ଥିବା ଅନ୍ୟ ଏକ ଉପଡାକଘର ସୁନାବେଡ଼ା -୨କୁ ସ୍ଥାନାନ୍ତର କରିଛନ୍ତି କର୍ତ୍ତୃପକ୍ଷ। ଏକ ସପ୍ତାହ ହେବାକୁ ବସିଥିଲେ ମଧ୍ୟ ସେଠାରେ କାରବାର ବନ୍ଦ ଥିବାରୁ ବାରମ୍ବାର ଡାକଘରକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି ଗ୍ରାହକ। ସେଠାରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇଲେ,ସେ ଉପରିସ୍ଥ ଅଧିକାରୀମାନଙ୍କ ଉପରେ ଦୋଷ ଲଦି ଚୁପ୍ ବସିଯାଉଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି। ପୂର୍ବ ଡାକଘରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜମାଖାତା ରହିଛି। ସେଥିମଧ୍ୟରୁ ପ୍ରାୟ ୨ ହଜାରରୁ ଅଧିକ ମହିଳା ଓ ଦେଢହଜାରରୁ ଅଧିକ ବରିଷ୍ଠ ନାଗରିକ ସେହି ଡାକଘର ମାଧ୍ୟମରେ ଟଙ୍କା କାରବାର କରୁଛନ୍ତି। ତେଣୁ ଯଥାଶୀଘ୍ର ସ୍ଥାନାନ୍ତର ହୋଇଥିବା ଡାକଘରର ସମସ୍ତ କାର୍ଯ୍ୟ ଉପଡାକଘର ସୁନାବେଡ଼ା-୨ରେ ଚାଲୁ କରିବା ପାଇଁ ଗ୍ରାହକ ମହଲରେ ଦାବି ହୋଇଛି। ତେବେ ଏ ସମ୍ପର୍କରେ ଜୟପୁରସ୍ଥିତ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଏସ୍.କେ. ସେଠୀଙ୍କୁ ପଚାରିବାରୁ ଯେଉଁ ବ୍ୟକ୍ତି ଡାକଘରର କମ୍ପ୍ୟୁଟର ସ୍ଥାପନ କରନ୍ତି ସେ ଟ୍ରେନିଂରେ ଯାଇଛନ୍ତି। ଫେରିବା ପରେ ଉପୁଜିଥିବା ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି। ଉକ୍ତ ବ୍ୟକ୍ତି ଯେପର୍ଯ୍ୟନ୍ତ ଅନୁପସ୍ଥିତ ରହିବେ ସେ ପର୍ଯ୍ୟନ୍ତ ଜମାକାରୀଙ୍କ କାରବାର ବନ୍ଦ ରହିବ କି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଯଦି ଟଙ୍କା ଜମା କରିବାରେ ବିଳମ୍ବ ହୁଏ ଏବଂ ଏଥିପାଇଁ ଫାଇନ୍ ଦେବାକୁ ପଡ଼େ କିଏ ଦାୟୀ ରହିବ ବୋଲି ଜମାକାରୀ ପ୍ରଶ୍ନ କରିଛନ୍ତି। ଜମାକାରୀଙ୍କ ଆବଶ୍ୟକ ବେଳେ ଜମାଖାତାରୁ ଉଠାଣ ବ୍ୟବସ୍ଥା ବାଧା ପାଇଁ କ'ଣ ଡାକ ବିଭାଗ କ୍ଷତିପୂରଣ ଦେବେ ବୋଲି ମଧ୍ୟ ପ୍ରଶ୍ନ ଉଠୁଛି। ତେବେ ବିଭାଗୀୟ କର୍ତ୍ତୃପକ୍ଷ ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ କର୍ମଚାରୀଙ୍କୁ ସୁରକ୍ଷା ସମ୍ପର୍କିତ ତାଲିମ

କୋରାପୁଟ,୮।୬ (ସ୍ୱ.ପ୍ର.): କୋରାପୁଟସ୍ଥିତ ସ୍ଥାନୀୟ ଦକ୍ଷତାବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଟିପିଏସ୍ଓଡିଏଲ କର୍ମକର୍ତ୍ତାଙ୍କ ନିମନ୍ତେ ସୁରକ୍ଷା ସମ୍ପର୍କିତ ଦିନିକିଆ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। କୋରାପୁଟ ସେକ୍ସନ ୧ କର୍ମକର୍ତ୍ତାମାନେ ସୁରକ୍ଷା ଉପକରଣ ବ୍ୟବହାର କରି ନିଜକୁ ସୁରକ୍ଷିତ ରଖିବା ସମ୍ପର୍କରେ ତାଲିମ ଦିଆଯାଇ ଥିବା ବିଭାଗୀୟ ଏସ୍ଡିଓ ବିଜୟ ଶଙ୍କର ପଣ୍ଡା କହିଛନ୍ତି। ଏହି ଅବସରରେ କର୍ମକର୍ତ୍ତାମାନେ ନିଜକୁ ସୁରକ୍ଷିତ ରଖିବା ନେଇ ଶପଥ ନେଇଥିଲେ। ସୁରକ୍ଷା ଅଧିକାରୀ ବିନୟ କୁମାର ମହାପାତ୍ର, ତାଲିମ ପ୍ରଦାନ କରିଥିବାବେଳେ ସହକାରୀ ଯନ୍ତ୍ରୀ ବାବୁଲାଲ ଓରାମ ଓ କନିଷ୍ଠ ଯନ୍ତ୍ରୀ ମୋନରଞ୍ଜନ ମାର୍ଥା ଉପସ୍ଥିତ ଥିଲେ।

### ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ

ପାତ୍ରପୁର,୮।୬(ଡି.ଏନ.ଏ.)- ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଙ୍ଘ ହରିପୁର ରୋଡ଼ କଟକ ଅଧୀନ ପାତ୍ରପୁର ବ୍ଲକର ସମସ୍ତ ଶିକ୍ଷକଙ୍କୁ ନେଇ ଏକ ନିର୍ବାଚନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସାରଥି ପାତ୍ର ଓ ସମ୍ପାଦକ ପୂର୍ଣ୍ଣ ମହାରଣାଙ୍କ ସହ ଜିଲାର ସଙ୍ଗଠନ ସମ୍ପାଦକ ତ୍ରିନାଥ ନାୟକଙ୍କ ଉଦ୍ୟମରେ ନିର୍ବାଚନ ସାଫଲ୍ୟ ମଣ୍ଡିତ ହୋଇଥିଲା। ଏଥିରେ ପାତ୍ରପୁର ବ୍ଲକର ପ୍ରାୟ ୨୫୦ରୁ ଅଧିକ ଶିକ୍ଷକ ନିର୍ବାଚନରେ ଭାଗ ନେଇଥିଲେ। କର୍ମକର୍ତ୍ତା ଚୟନରେ ସର୍ବସମ୍ମତି କ୍ରମେ ବି. ରାମାରାଓ ସଭାପତି, ଟୁଟୁ ପ୍ରଧାନ ଉପ ସଭାପତି, ଉର୍ମିଳା ବେହେରା ସଭାନେତ୍ରୀ, କେ ମୋହନ ରାଓ ସମ୍ପାଦକ, ଅନନ୍ତ ନାୟକ ଯୁଗ୍ମ ସମ୍ପାଦକ, ମନୋଜ ନାୟକ ସହ ସମ୍ପାଦକ, ଲକ୍ଷ୍ମଣ ରାଓ କୋଷାଧ୍ୟକ୍ଷ ସଦାନନ୍ଦ ଶବର ଜିଲା ପରିଷଦ ସଭ୍ୟ, ବିପିନ ବେହେରା ଜିଲା ପରିଷଦ ସଭ୍ୟ, ଏଙ୍କଟି ରାଓ ଜିଲା କୋଅର୍ଡିନେଟର, ନିର୍ଦ୍ଦୋଷୀ ଶବର ଜିଲା ସଂଯୋଜିକା ଭାବେ ନିର୍ବାଚିତ ହୋଇଥିଲେ। ନୂତନ ଭାବେ ଯୋଗ ଦେଇଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିବା ସହ ରାଜ୍ୟରେ ମଧ ସମସ୍ତ ଶିକ୍ଷକଙ୍କୁ ନେଇ ଗୋଟିଏ ଶିକ୍ଷକ ସଂଘ କରିବା ଉଦ୍ଦେଶ୍ୟରେ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଛି।

### ପର୍ଯ୍ୟଟନ ମେଳାରେ ଯୋଗ ଦେବ ହୋଟେଲ ସଂଘ

ଦାରିଙ୍ଗବାଡି, ୮।୬(ଡି.ଏନ.ଏ.)-ଦାରିଙ୍ଗବାଡି ହୋଟେଲ ସଂଘର ଏକାଧିକ ସଦସ୍ୟ, କର୍ମକର୍ତ୍ତା ବୁଧବାର କୋଲକାତା ବାହାରିଛନ୍ତି। ଆସନ୍ତା ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ତିନିଦିନ ଧରି କୋଲକାତାର ନେତାଜୀ ଇନ୍ଡୋର ଷ୍ଟାଡିୟମ କମ୍ପ୍ଲେକ୍ସଠାରେ ପର୍ଯ୍ୟଟନ ମେଳା ଅନୁଷ୍ଠିତ ହେଉଛି। ଦେଶ ଓ ବିଦେଶରେ ପର୍ଯ୍ୟଟନର ବିକାଶ ଓ ଏହାର ପ୍ରଚାର ପ୍ରସାର ପାଇଁ ଏହି ମେଳାର ଆୟୋଜନ କରାଯାଉଥିବା ବେଳେ ପଶ୍ଚିମବଙ୍ଗ ସରକାରଙ୍କ ପର୍ଯ୍ୟଟନ ବିଭାଗର ସହଯୋଗ ଏବଂ ବଙ୍ଗାଳି ପର୍ଯ୍ୟଟନର ସେବା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ଆୟୋଜନ କରାଯାଇଛି। ଏଥିରେ ଦାରିଙ୍ଗବାଡି ହୋଟେଲ ସଂଘର ପ୍ରତିନିଧିଦଳ ମେଳାରେ ଦାରିଙ୍ଗବାଡି ପର୍ଯ୍ୟଟନ କ୍ଷେତ୍ରର ସମସ୍ତ ସ୍ଥାନ ସମ୍ପର୍କରେ ମେଳାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଅବଗତ କରାଇବ, ଏହାଦ୍ୱାରା ଦାରିଙ୍ଗବାଡିକୁ ଆହୁରି ଅଧିକ ପର୍ଯ୍ୟଟକ ଆସିବେ ବୋଲି ସଂଘର ପ୍ରତିନିଧିଦଳ ଆଶା ରଖିଛନ୍ତି। ଦାରିଙ୍ଗବାଡ଼ି ପର୍ଯ୍ୟଟନକ୍ଷେତ୍ରକୁ ଅଧିକାଂଶ ବଙ୍ଗାଳି ପର୍ଯ୍ୟଟକ ପ୍ରତିବର୍ଷ ବୁଲିବାକୁ ଆସନ୍ତି ଏବଂ ଦାରିଙ୍ଗବାଡି ପରିବେଶକୁ ପସନ୍ଦ କରିଥାନ୍ତି। ତେବେ ଏହି ମେଳା ମାଧ୍ୟମରେ ଦାରିଙ୍ଗବାଡି ପର୍ଯ୍ୟଟନର ଅଧିକା ପ୍ରଚାର କରାଗଲେ ଦାରିଙ୍ଗବାଡିକୁ ବଙ୍ଗାଳି ପର୍ଯ୍ୟଟକ ସମେତ ଦେଶ ବିଦେଶରୁ ଆହୁରି ହଜାର ହଜାର ପର୍ଯ୍ୟଟକ ଜାଣି ଆସିପାରିବେ ବୋଲି ହୋଟେଲ ମାଲିକ ସଂଘ ପକ୍ଷରୁ କୁହାଯାଇଛି।

# ବ୍ଲକ ପ୍ରଶାସନ ଅଜାଣତରେ ନିର୍ମାଣ ହେଉଛି କମ୍ପୋଷ୍ଟ କୁଣ୍ଡ

- ଅଭିଯୋଗ ପରେ ତଦନ୍ତ ଆରମ୍ଭ
- ରିପୋର୍ଟ ଆଧାରରେ ହେବ କାର୍ଯ୍ୟାନୁଷ୍ଠାନ

ନବରଙ୍ଗପୁର,୮।୬(ବି.ପ୍ର.)

ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମ ଫସର ଫାଟି ଯାଉଛି। ସରକାରୀ ବାବୁଙ୍କ ଅଜାଣତରେ ହୋଇଯାଉଛି ଅନେକ କାର୍ଯ୍ୟ। ଅଭିଯୋଗ ହେଲେ ତଦନ୍ତ ନାଁରେ ଘଟଣା ଚପାଇ ଦିଆଯାଉଛି। ଏହିଭଳି ଏକ ଘଟଣା ଘଟିଛି ପଣ୍ଡିକୋଟ ପଞ୍ଚାୟତରେ। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତରେ ୪୨ ଗୋଟି କମ୍ପୋଷ୍ଟ କୁଣ୍ଡ ନିର୍ମାଣ ହୋଇଛି। ଏହି କାର୍ଯ୍ୟ ପାଇଁ ବ୍ଲକସ୍ତରରେ ଫାଇଲ ଖୋଲା ଯାଇନାହିଁ। ଉକ୍ତ କାର୍ଯ୍ୟ ପାଇଁ ବିଡିଓଙ୍କ ଅନୁମତି ମଧ୍ୟ ମିଳିନାହିଁ। କେଉଁ ସ୍ଥାନମାନଙ୍କରେ ନିର୍ମାଣ କରାଯିବ ତାହାର ସ୍ଥାନ ମଧ୍ୟ ନିରୁପଣ ହୋଇନାହିଁ। ପ୍ରତି କୁଣ୍ଡ କେଉଁ ଆକାରର କରାଯିବ ତାହା ମଧ୍ୟ ଏ ଯାଏ କାହା ପାଖରେ ତଥ୍ୟ ନାହିଁ। ନିର୍ମାଣ କରୁଥିବା ବ୍ୟକ୍ତି ଜଣକ ଏଯାଏ କାର୍ଯ୍ୟାଦେଶ ମଧ୍ୟ ପାଇଁ ନାହାନ୍ତି। ତଥାପି ଶାସକ ଦଳର କେତେକ ନେତାଙ୍କ ନିର୍ଦ୍ଦେଶରେ ଜଣେ ବ୍ୟକ୍ତି ୪୨ଟି କମ୍ପୋଷ୍ଟ କୁଣ୍ଡ ନିର୍ମାଣ କରିଛନ୍ତି। ପ୍ରତି କୁଣ୍ଡ ପିଛା ସରକାର ୨୫ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଚଞ୍ଚକତା କରି ଓ ନିମ୍ନମାନର କାମ କରି ମୁନାଫା ଅର୍ଜନ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏନେଇ ପାପଡାହାଣ୍ଡି ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ବିଭୁତି ପ୍ରସାଦ ପଣ୍ଡା ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିବା ପରେ ଏହାର ତଦନ୍ତ ପାଇଁ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିଡ଼ିଓ ରଞ୍ଜିତା ମଲ୍ଲିକଙ୍କୁ ପଚାରିବାରୁ ଅଭିଯୋଗ କ୍ରମେ ତଦନ୍ତ ପାଇଁ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କରିଛନ୍ତି।

# ଜାନି ସମାଜ ବିକାଶ ନେଇ ଆଲୋଚନା



ବୈଠକରେ ଉପସ୍ଥିତ ଜାନୀ ସମାଜର ସଦସ୍ୟମାନେ ।

ଉମରକୋଟ, ୮।୬(ସ୍ୱ.ପ୍ର.)

ଜାନୀ ସମାଜର ଉନ୍ନତି ତଥା ଅନେକ ସମସ୍ୟାକୁ ନେଇ ଏକ ଆଲୋଚନା ସଭା ଉମରକୋଟସ୍ଥିତ ୨ ନ ୱାର୍ଡର ଗତିଗୁଡାଗ୍ରାମରେ ବୁଧବାର ଅନୁଷ୍ଠିତ ହୋଇଛି। ଜାନି ସମାଜ ଯେପରି ସମାଜର ମୁଖ୍ୟ ଧାରାରେ ସାମିଲ ହେବେ, ଜାନି ସମାଜର ସଂଗଠନକୁ ମଜଭୁତ କରିବାକୁ ଆଲୋଚନା ହୋଇଛି। ଜାନି ସମାଜ ଭିତରେ ଥିବା ବିଭିନ୍ନ କୁସଂସ୍କାର ଦୂର ଓ ଜାନି ସମାଜ ବିକାଶ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜାନୀ ସମାଜର ପ୍ରାୟ ୪୦ଟି ଗାଁ ର ମୁଖିଆ ଉପସ୍ଥିତ ରହି ନିଜ ମତ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଉମରକୋଟ ବ୍ଲକ ଅଧୀନ ପଞ୍ଚାୟତସ୍ତରରୁ ଜାନୀ ସମାଜ ଲୋକେ ଏକତ୍ରିତ ହୋଇ ସମସ୍ୟା ସମ୍ପର୍କରେ ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝିଙ୍କୁ ଦାବିପତ୍ର ଦେବାକୁ ସ୍ଥିର ହୋଇଛି। ଏହି ବୈଠକରେ ଉମରକୋଟ ବ୍ଲକ ଜାନି ସମାଜର ସଭାପତି ମାନ ସିଂ ଜାନି, ୨ ନ ୱାର୍ଡ ର କାଉନସିଲର ଚିତରଞ୍ଜନ ପାତ୍ର, ବ୍ଲକ ସଭାପତି ମନୋଜ ଧଳ, ଉମରକୋଟ ଟାଉନ ସଭାପତି କୈଳାଶ ନାୟକ, ଦିନ ବନ୍ଧୁ ନାୟକ, ଉପସଭାପତି ଯୁଗଦେବ ଜାନୀ, କୋଷାଧକ୍ଷ ବଳ ଜାନୀ, ଉପଦେଷ୍ଟା ସାହେବସିଂ ଜାନୀ ଓ ସହସମ୍ପାଦକ ହିରଣ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜୈବ ସାର ବ୍ୟବହାର ପ୍ରଶିକ୍ଷଣ ତାଲିମ



ସାର ପାଇଥିବା ଚାଷୀମାନେ।

ଜୟପୁର, ୮।୬ (ନି.ପ୍ର.)

ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ ଲକ୍ଷ୍ନୌ ପକ୍ଷରୁ ସେମିଳିଗୁଡା ବ୍ଲକର ପୁଟସିଲ ଓ ଲକ୍ଷ୍ମୀପୁର ବ୍ଲକର କାନପାଡ଼ି ଗାଁରେ ଜୈବ ସାରର ବ୍ୟବହାର ଓ ଲାଭ ସମ୍ପର୍କରେ ତାଲିମ୍ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ ପ୍ରଧାନ ବୈଜ୍ଞାନିକ ଡ. ପୁନିତ୍ ସିଂ ଚୌହାନ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଧାନ ଗଛର ଚେର , ହଳଦୀ, ଅଦା ଏବଂ ମକା ଫସଲରେ ଜୈବ ସାର ପ୍ରୟୋଗ ଦ୍ୱାରା ରୋଗ ପୋକ କମ୍ ହେବା ସହ ରାସାୟନିକ ସାର ଶତକଡା ୩୦ ଭାଗ ପର୍ଯ୍ୟନ୍ତ କମ୍ କରାଯାଇ ପାରିବ ବୋଲି କହିଥିଲେ। ଏଥି ସହିତ ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ ବୈଷୟିକ ଅଧିକାରୀ ଡ. ଶଶାଙ୍କ ମିଶ୍ର ବୈଷୟିକ ତାଲିମ୍ ପ୍ରଦାନ କରିଥିଲେ। ଉମା ଶଙ୍କର ସବୁଜ ଦୁନିଆର ଅଧ୍ୟକ୍ଷ କ୍ରିଷ୍ଣା ନାୟକ ଯୋଗ ଦେଇ ମାଟି ସହିତ ସ୍ୱାସ୍ଥ୍ୟର ନିବିଡ ସମ୍ପର୍କ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥଲେ। ବିଜ୍ଞାନ ପ୍ରଚାରକ ଲକ୍ଷ୍ମୀ ନାରାୟଣ ବକ୍ସି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଦୁଇ କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ଚାଷୀଙ୍କୁ ଏକ କେଜି ଲେଖାଏଁ ଜୈବ ସାର ପ୍ରଦାନ କରାଯାଇଥିଲା। ଏହି ଦୁଇ କାର୍ଯ୍ୟକ୍ରମରେ ଓରମାସ୍ ସହଯୋଗ କରିଥିଲେ।

### ଜୋନସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

ଆର.ଉଦୟଗିରି,୮।୬(ଡି.ଏନ.ଏ.)

ମୋହନା ବ୍ଲକ ଅଡବା ହରଭଙ୍ଗୀ ଜଳସେଚନ ବିଭାଗ ବଙ୍ଗଳାଠାରେ ବୁଧବାର ବିଜେଡି ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଡବା ଜୋନର ୧୫ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା/ସଭ୍ୟ ଓ ସମସ୍ତ ଦଳୀୟ କର୍ମୀ, ଗାଁ ମୁଖିଆଙ୍କ ସମେତ ସମସ୍ତ ଆଗଧାଡ଼ିର ନେତା ମଧ ଉପସ୍ଥିତ ଥିଲେ। ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଜେଡି ଆଦିବାସୀ ନେତା ହାଡ଼ିଆ କନ୍ଧ ସମସ୍ତ ଅତିଥି ଏବଂ କର୍ମୀଙ୍କୁ ସ୍ୱାଗତ କରିଥିବା ବେଳେ ବ୍ଲକ ଅଧକ୍ଷ ରଞ୍ଜୀବ ଶବର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀରେ ବ୍ରହ୍ମପୁର ଏମ୍ପି ଚନ୍ଦ୍ର ଶେଖର ସାହୁ, ଜିଲା ଆଦିବାସୀ ନେତା ଏମ୍. ଜଗଦୀଶ ରାଓ, ଆର. ବିଜୟ କୁମାର, ଜିଲା ମହିଳା ସଭାନେତ୍ରୀ ପୁର୍ନବାସୀ ନାୟକ, ଜିଲା ପରିଷଦ ଉପାଧକ୍ଷା କୁନ୍ତଳା ମଳିକ, ଭାସ୍କର ସାହୁ, ଚନ୍ଦ୍ର କୁମାର ମଳିକ, ସୁନୀଲ ବିଷୋୟୀ, ବାଲ୍ମୀନା ଅଧିକାରୀ, ଝୁମୁରି ବୀର, ପ୍ରକାଶ ନାୟକ, ଦଣ୍ଡାସି ସାହୁ, ଜଗବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ବୁଧବାର ପ୍ରଥମ ଥର ନିମନ୍ତେ ଜୋନ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କର୍ମୀଙ୍କ ମନୋବଳ ବୃଦ୍ଧି ସହ ଲୋକଙ୍କ ବିଶ୍ୱାସ ଜିଣିବା ପାଇଁ ନିର୍ବାଚନ ପରେ ଏହି ବୈଠକ କରିଥିବା ଜଣାପଡିଛି। ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ପାଇଁ କର୍ମୀ ଏବଂ ସମସ୍ତ ପ୍ରତିନିଧି ଗାଁକୁ ଗାଁ ଯାଇ ଲୋକଙ୍କ ସମସ୍ୟା ବୁଝି ତାହାର ସମାଧାନ କରିବାକୁ ଏମ୍ପି ସମସ୍ତ ଉପସ୍ଥିତ ସରପଞ୍ଚ, ସମିତିସଭ୍ୟ, ବ୍ଲକ ଅଧକ୍ଷ ଏବଂ ଜିଲା ପରିଷଦ ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କର୍ମୀ ସମ୍ମିଳନୀରେ ପ୍ରାୟ ଏକ ହଜାରରୁ ଅଧିକ କର୍ମୀ ଉପସ୍ଥିତ ଥିଲେ। ଏହା ସହ ସମସ୍ତ ନେତା ଗାଁକୁ ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝି ଶୀଘ୍ର ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅଛି, ତାହାର ଯେପରି ବ୍ୟତିକ୍ରମ ହେବନି ସେଥିପ୍ରତି ଦୃଷ୍ଟି ଦେବାକୁ କହିଛନ୍ତି ଏମ୍ପି ସାହୁ।

# ମୌଳିକ ସୁବିଧାରୁ ବଞ୍ଚିତ ଝୁଲୁକାଗୁଡ଼ା ଗ୍ରାମବାସୀ

ଟିକିରି,୮।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅଡାଜର ପଞ୍ଚାୟତର ଝୁଲୁକାଗୁଡ଼ା ଗ୍ରାମ। ଆଦିବାସୀ ଅଧ୍ୟୁସିତ ଏହି ଗାଁରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ପଞ୍ଚାୟତ ଠାରୁ ମାତ୍ର ୭ ରୁ ୧୦ କିଲମିଟର ଦୂରରେ ଗାଁ ରହିଥିଲେ ମଧ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି।

ଗାଁରେ ଅଙ୍ଗନୱାଡି କେନ୍ଦ୍ର, ପାନୀୟ ଜଳର ସୁବିଧା ନାହିଁ। ଯାତାୟାତ ପାଇଁ ଖଣ୍ଡେ ପକ୍କା ରାସ୍ତା ମଧ ନାହିଁ। ସେହିପରି ଗର୍ଭବତୀଙ୍କୁ ଖଟିଆରେ ବହିନେବାକୁ ପଡୁଛି। ସେହିପରି ଗାଁ ସ୍କୁଲରେ ଶିକ୍ଷକ ପାଠ ପଢ଼ାଇବାକୁ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଠାରେ କାହାକୁ ଅଧିକ ଜ୍ୱର କିମ୍ବା ଅନ୍ୟ ରୋଗ ହେଲେ ୩୫ କିମି ଦୂର କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡ଼େ। ନିକଟରେ କୌଣସି ଡାକ୍ତରଖାନାର ସୁବିଧା ନାହିଁ। ଭୋଟ ସମୟରେ ନେତା ଆସି ପ୍ରତିଶ୍ରୁତି ଦେଇ ଚାଲିଯାଇଥିଲେ ମଧ ସମସ୍ୟାର ସମାଧାନ ହୋଇପାରିନି। ସେହିପରି ଏଠାରେ ସରକାରୀ ଅଧିକାରୀଙ୍କ ପାଦ ପଡୁନି। ଗାଁକୁ ଯିବାପାଇଁ ଏକ ନାଳ ଉପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କଲଭର୍ଟ କାମ ଆରମ୍ଭ ହୋଇଛି। ତେବେ ନିମ୍ନମାନର କାମ ଯୋଗୁ ତାହା ନ କରିବା ଭଲ ବୋଲି ଗ୍ରାମବାସୀ କହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବିପକ୍ଷଙ୍କ ଆକ୍ରମଣରେ ବୃଦ୍ଧା ଗୁରୁତର, ୬ ପରିବାରର ଲୋକେ ଆହତ

**ଅମୃତ ସରୋବର ଖନନକୁ ଗଣ୍ଡଗୋଳ**

ଏମ୍ଭି ୭୯,୮।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଲୁଗେଲ ପଞ୍ଚାୟତର ଏମ୍ପିଭି ଗ୍ରାମରେ ବୁଧବାର ଅମୃତ ସରୋବର ଖନନକୁ ନେଇ ତୁମୁଳକାଣ୍ଡ ଘଟିଛି। ଗ୍ରାମ ସଭାପତିଙ୍କ ଗୋଷ୍ଠୀ ଏବଂ ସରୋବର ଖୋଳାଯାଉଥିବା ସ୍ଥାନରେ ରହୁଥିବା ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ଏବଂ ମରଣାନ୍ତକ ଆକ୍ରମଣରେ ୭୦ ବର୍ଷୀୟା ବୃଦ୍ଧା କବିତା ମଣ୍ଡଳ ଗୁରୁତର ହୋଇଛନ୍ତି। ସେହିପରି ଅନ୍ୟ କିଛି ଜଣ ଆହତ ହୋଇଥିବା ଜଣାପଡ଼ିଛି। ଏ ନେଇ କବିତାଙ୍କ ଝିଅ ଜ୍ୟୋତିକା ମାଲକାନଗିରି ଏସ୍ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଅମୃତ ସରୋବର ଯୋଜନାରେ ପୋଖରୀ ଖୋଳାଯାଉଥିବା ସରକାରୀ ଜାଗାରେ କବିତା ଏବଂ ଅନ୍ୟ ୫ ପରିବାର ୧୯୮୬ରୁ ରହି ଆସୁଛନ୍ତି। ଏ ନେଇ ସେମାନେ ଖଜଣା ମଧ ପୈଠ କରିଆସୁଛନ୍ତି। କିଛିଦିନ ତଳେ ସରକାରଙ୍କ ପକ୍ଷରୁ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଅମୃତ ସରୋବର ଯଜୋନାରେ ଏକ ପୋଖରୀ ଖୋଳାଇବାର ପ୍ରସ୍ତାବ ଦିଆଯାଇଥିଲା। ତେବେ ଗ୍ରାମର ସଭାପତି ପ୍ରେମାନନ୍ଦ ବିଶ୍ୱାସ ଉକ୍ତ ୬ ପରିବାର ରହୁଥିବା ସ୍ଥାନରେ ପୋଖରୀ ଖୋଳିବା ପାଇଁ ପ୍ରସ୍ତାବ ଦେଇଥିଲେ। ତେଣୁ କବିତା ଏବଂ ତାଙ୍କ ପରିବାର ଲୋକେ ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କୁ ଏ ବିଷୟରେ ଅବଗତ କରାଇଥିଲେ। ତଥାପି ତହସିଲ କିମ୍ବା ରାଜସ୍ୱ ବିଭାଗ ଦ୍ୱାରା ସୀମା ନିର୍ଦ୍ଧାରଣ ଏବଂ ଜାଗା ଚିହ୍ନଟ ନ ହେଉଣୁ ଗ୍ରାମ ସଭାପତି ପ୍ରେମାନନ୍ଦ ବିଶ୍ୱାସ, ଅମୃତ ମଣ୍ଡଳ, ଚଣ୍ଡୀ ମଣ୍ଡଳ ଉକ୍ତ ଜାଗାରେ ଘେରା ଯାଇଥିବା ବାଡ଼ ଭାଙ୍ଗି ଜୋର ଜବରଦସ୍ତ ଜେସିବି ଲଗାଇ ପୋଖରୀ ଖୋଳିବା ଆରମ୍ଭ କରିଥିଲେ। ଏହି ସମୟରେ କବିତା, ତାଙ୍କ ପୁଅ, ବୋହୂ ଏବଂ ଅନ୍ୟ ୫ଟି ପରିବାର ଏହାକୁ ବାରଣ କରିଥିଲେ। ଏଥିରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ଓ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଗଣ୍ଡଗୋଳରେ କବିତା ଗୁରୁତର ହୋଇଥିବାବେଳେ ତାଙ୍କ ପୁଅ, ବୋହୁ ଏବଂ ଅନ୍ୟ ୫ଟି ପରିବାରର ସଦସ୍ୟ ଆହତ ହୋଇଥିବା ଜଣାପଡ଼ିଛି। କବିତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ସମସ୍ୟା ନେଇ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଗୁରୁବାର ତହସିଲଦାରଙ୍କୁ ନେଇ ଏକ ବୈଠକ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଥାନା ଅଧିକାରୀ ଅଶୋକ କୁମାର ବିଶୋୟୀ କହିଛନ୍ତି।

### ପିପଲପଙ୍କା ଗାଁରେ ପେନୁଗୁଲୁ ପୂଜା

ସୋରଡା,୮।୬(ଡି.ଏନ୍.ଏ.)

ଆଦିବାସୀମାନଙ୍କ ପାରମ୍ପରିକ ପେନୁଗୁଲୁ ପୂଜା ବୁଧବାର ପିପଲପଙ୍କା ଗ୍ରାମ ନିକଟ ଜଙ୍ଗଲ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଆଦିବାସୀମାନେ ଶୁଭ୍ର ବସ୍ତ୍ର ପରିଧାନ କରି ଜଳକଳସୀ ଧରି ପୂଜା ସ୍ଥଳକୁ ଯାଇଥିଲେ। ସେଠାରେ ହୋମ, ଜଙ୍କ, ଆଳତି, ସାମୁହିକ ପ୍ରସାଦ ସେବନ କରଯାଇଥିଲା। ଆଦିବାସୀମାନେ ସର୍ବଦା ଜଙ୍ଗଲ ଉପରେ ନିର୍ଭର କରି ପରିବାର ପୋଷଣ କରନ୍ତି। ଜଙ୍ଗଲର ସୁରକ୍ଷା, ବିକାଶ ଓ ମାଟିକୁ ଭଲପାଉଥିବା ଯୋଗୁ ଆଦିବାସୀମାନେ ଏହିପୂଜା ପ୍ରତିବର୍ଷ କରିଥାନ୍ତି।

# ୧୨ ଏକର ଚିଙ୍ଗୁଡ଼ି ଘେରି ଚିଲିକାରୁ ଉଚ୍ଛେଦ



ଅଧିକାରୀ ଓ ପୋଲିସ ଉପସ୍ଥିତିରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଉଛି।

ଖଲ୍ଲିକୋଟ,୮।୬(ଡି.ଏନ.ଏ.)

ଖଲ୍ଲିକୋଟ ତହସିଲ ଅନ୍ତର୍ଗତ ଚିଲିକା ମଧ୍ୟରେ ଥିବା ବେଆଇନ ଚିଙ୍ଗୁଡ଼ି ଘେରିକୁ ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଛି। ଭେଜିପୁଟ ଆର୍ଆଇ ସର୍କଲ ଅଧୀନରେ ଥିବା ଓଡ଼ିଆ ଆଲପୁର, କେଶପୁର ଆର୍ଆଇ ସର୍କଲରେ ଥିବା କଙ୍କେଇ ନିକଟ ଚିଲିକା କୂଳରେ ଥିବା ପ୍ରାୟ ୧୨ ଏକର ବେଆଇନ ଚିଙ୍ଗୁଡ଼ି ଘେରିକୁ ସ୍ଥାନୀୟ ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କ ଉପସ୍ଥିତିରେ ଉଚ୍ଛେଦ ହୋଇଥିଲା। ଏହି ଚଢ଼ାଉରେ ଅତିରିକ୍ତ ତହସିଲଦାର ଜ୍ୟୋର୍ତିମୟ ଦାସ, ସିଡିଏ ଅଧିକାରୀ, ଭେଜିପୁଟ ପୋଲିସ ଓଆଇସି ସନ୍ତୋଷ ସ୍ୱାଇଁ, ସବଇନ୍ସପେକ୍ଟର ହିମାଂଶୁ ପାତ୍ର, ଭେଜିପୁଟ ଆର୍ଆଇ ରମେଶ ଜେନା, କେଶପୁର ଆରଆଇ ଏମ୍. ସୁଦାମଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# ମହିଳାଙ୍କ ବେକରୁ ବାହାରିଲା ୪ କେ.ଜି. ଟ୍ୟୁମର

**ନବରଙ୍ଗପୁର ଖ୍ରୀଷ୍ଟିଆନ ହସ୍ପିଟାଲରେ ଅସ୍ତ୍ରୋପଚାର**





କୋରାପୁଟ,୮।୬ (ସ୍ୱ.ପ୍ର.)

ଦୀର୍ଘ ବର୍ଷ ଧରି ବେକରେ ବଡ଼ ଟ୍ୟୁମର ଧରି ବଡ କଷ୍ଟ ଜୀବନ ବିତାଉଥିବା ଜଣେ ମହିଳାଙ୍କ ବୁଧବାର ନବରଙ୍ଗପୁରସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇଛି। ମହିଳାଙ୍କ ପ୍ରାୟ ୪ କେ.ଜି. ଓଜନର ଟ୍ୟୁମର ବାହରିଛି। ସେ ଏବେ ସୁସ୍ଥ ଥିବା ଜଣାପଡିଛି।

ସୂଚନାନୁଯାୟୀ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଘୋରସାଲା ଗ୍ରାମର ନିବାସୀ ଘାସି ହରିଜନଙ୍କ ସ୍ତ୍ରୀ କୁମାରୀ ହରିଜନ(୪୫)ଙ୍କ ବେକରେ ୪ କେଜିର ଏକ ଟ୍ୟୁମର ହୋଇଥିଲା। ସେ ବଡ଼ କଷ୍ଟରେ ଦୀର୍ଘ ବର୍ଷ ଧରି ଜୀବନ ଯାପନ କରୁଥିଲେ। ଏନେଇ ସେ କୋରାପୁଟ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଜିଲାପାଳଙ୍କୁ ତାଙ୍କର ଟ୍ୟୁମର ଅପରେସନ ପାଇଁ ସହାୟତା ମାଗିଥିଲେ। ଜିଲା ପ୍ରଶାସନ ତାଙ୍କର ଅସୁବିଧା ଶୁଣି ଜିଲା ରେଡକ୍ରସ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧ଲକ୍ଷ ୫ହଜାର ୮୬୦ ଟଙ୍କା ୭ଟି ପର୍ଯ୍ୟାୟରେ ପ୍ରଦାନ କରିଥିଲେ। ବୁଧବାର କୁମାରୀ ହରିଜନଙ୍କ ନବରଙ୍ଗପୁରସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ଥିବା ଡାକ୍ତରୀ ଟିମ୍ ଦ୍ୱାରା ସଫଳ ଅସ୍ତ୍ରୋପଚାର କରାଯାଇଥିବା କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଅପରେସନ ନିମନ୍ତେ ନବରଙ୍ଗପୁରସ୍ଥିତ ଖ୍ରୀଷ୍ଟିୟାନ ହସପିଟାଲରେ ଗତ ୬ ଦିନ ଧରି କୁମାରୀ ହରିଜନ ରହିଥିବାବେଳେ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ତାଙ୍କର ରହିବା ଓ ଖାଇବା ବାବଦରେ ଆଉ ୫ ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ପ୍ରଦାନ କରାଯାଇଥିବା ଜିଲା ଜରୁରୀ ବିଭାଗ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି।

# ଶୁଣିଲାନି ପ୍ରଶାସନ, ଟଙ୍କା ଖର୍ଚ୍ଚ କରି ଘର ମରାମତି କଲେ ପ୍ରାଧ୍ୟାପକ



ମରାମତି ହେବା ପରେ ନିଜ ଘର ଆଗରେ ହରି ଓ ତାଙ୍କ ସ୍ତ୍ରୀ।

ଉମରକୋଟ, ୮।୬(ସ୍ୱ.ପ୍ର.)

ଗରିବଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁ ଯୋଜନା ରହିଛି। ଏହି ଯୋଜନାର ସିଂହ ଭାଗ ଧନୀ ଲୋକମାନେ ହାତେଇ ନେବା ବେଳେ ଗରିବ, ମଳିମୁଣ୍ଡିଆଙ୍କ ପାଇଁ ଏହି ସବୁ ସାତ ସପନ ପାଲଟିଛି। ଯିଏ ପ୍ରକୃତ ହିତାଧିକାରୀ , ଯାହାକୁ ରହିବା ପାଇଁ ଘରଟିଏ ନିହାତି ଦରକାର ସେପରି ଲୋକମାନେ ସରକାରୀ ଯୋଜନାର ଲାଭ ପାଉନାହାନ୍ତି। ଏପରି ଏକ ଘଟଣା ଉମରକୋଟ ସହରରେ ଦେଖିବାକୁ ମିଳିଛି। ପ୍ରଶାସନ ଘର ମରାମତି କଥା ନ ଶୁଣିବାରୁ ଜଣେ ପ୍ରଧ୍ୟାପକ ଓ ସ୍ଥାନୀୟ ଲୋକେ ଏକ ବୃଦ୍ଧଙ୍କ ଘର ମରାମତି କର୍ଚ୍ଚ ଉଠାଇଛନ୍ତି।

ଦୀର୍ଘ ୨୫ ବର୍ଷ ତଳେ ହରି ନାୟକ ନାମକ ଜଣେ ମିସ୍ତ୍ରୀ ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଇତିହାସ ବିଭାଗ ପ୍ରାଧ୍ୟାପକ ଡକ୍ଟର ଅନୀଲ ମିଶ୍ରଙ୍କ ଘର ତିଆରି କରିଥିଲେ। ସେତେବେଳେ ହରି ନାୟକ ଯୌବନ ଅବସ୍ଥା ରେ ଥିଲେ ଓ ବହୁ ବର୍ଷ ପରେ ହରି ତାପି ମିସ୍ତ୍ରୀ କାମ କରି ନିଜ ପରିବାର ର ଭରଣ ପୋଷଣ କରିଆସୁଥିଲେ। ତାଙ୍କ ଏକମାତ୍ର ରୋଜଗାରିଆ ପୁଅ ଆତ୍ମହତ୍ୟା କରିବା ପରେ ଘରେ ବୃଦ୍ଧ ହରି ଓ ତାଙ୍କ ସ୍ତ୍ରୀ। ଉଭୟ ଅନେକ ରୋଗରେ ପୀଡିତ। ହରିଙ୍କ ବୟସ ୭୦ ଛୁଇଁଲାଣି। ତେଣ ଏବେ କାମ କରିବା ପାଇଁ ତାଙ୍କର ଆଉ ବଳନାହିଁ। ହରି ବର୍ତ୍ତମାନ ଠିକ୍‌ଭାବେ କଥାବାର୍ତ୍ତା ମଧ କରିପାରୁ ନାହାଁନ୍ତି। ଚଳିବା ବି ବହୁତ କଷ୍ଟ। ହରିଙ୍କର ଉମରକୋଟ ସହର ୮ ନଂ ୱାର୍ଡରେ ଏକ ଭଙ୍ଗା ଘର ଅଛି। ପ୍ରବଳ ଖରା, କାଳ ବୈଶାଖୀ ବର୍ଷା ଭୟରେ କାଳେ ଘର ଭୁସୁଡ଼ି ପଡ଼ିବ ସେଥିପାଇଁ ହରି ଓ ତାଙ୍କ ସ୍ତ୍ରୀ ପଡୋଶୀ ଘରେ ଶୁଅନ୍ତି। ଆଗକୁ ବର୍ଷା ଆସିବ କେମିତି ରହିବୁ ବୋଲି ଚିନ୍ତାରେ ଦିନ କାଟୁ ଥିଲେ ହରି। ହରିଙ୍କ ଘର ତିଆରି କରିବାକୁ ଉମରକୋଟ ତହସିଲଦାର ଓ ପୌର କାର୍ଯ୍ୟାଳୟକୁ ସ୍ଥାନୀୟ ଲୋକେ ଜଣାଇଥିଲେ ମଧ କେହି ଶୁଣିଲେ ନାହିଁ। ସରକାରୀ ସହାୟତା କହିଲେ କେବଳ ଜରି ଖଣ୍ଡେ ମିଳିଛି। ହରି ଯେଉଁ ଘରେ ଅଛନ୍ତି ତାହାର ପଟ୍ଟା ନାହିଁ। ପ୍ରାଧ୍ୟାପକ ଡକ୍ଟର ଅନୀଲ ମିଶ୍ର ହରିଙ୍କର ଏହି ଅବସ୍ଥା ଦେଖି ନିଜ ପରିବାର ବନ୍ଧୁଙ୍କୁ ଜଣାଇଥିଲେ। ସମସ୍ତେ ଅର୍ଥ ସଂଗ୍ରହ କରିଥିଲେ। ଉକ୍ତ ଅର୍ଥରେ ପ୍ରାଧ୍ୟାପକ ନିଜେ ଉପସ୍ଥିତ ରହି ମରାମତି କାମ କରାଇଛନ୍ତି। ପ୍ରାଧ୍ୟାପକ ମିଶ୍ର ତାଙ୍କ ପରିବାର ଓ ବନ୍ଧୁଙ୍କ ସହଯୋଗରେ ଚିକିତ୍ସା, ଔଷଧ ଖର୍ଚ୍ଚ, ଖାଇବା ଖର୍ଚ୍ଚ ଆଦି ମଧ ବହନ କରୁଛନ୍ତି। ସ୍ଥାନୀୟ ଲୋକେ ପ୍ରାଧ୍ୟାପକଙ୍କୁ ଧନ୍ୟବାଦ ଦେଇଛନ୍ତି।

